ଆଜି - ଗୁରୁବାର
ତାରିଖ - ୧୨ ମାର୍ଚ୍ଚ ୨୦୨୬
ମାସ - କୁମ୍ଭ, ଦିନ - ୨୮
ତିଥି -ନବମୀ-କୃଷ୍ଣ
ନକ୍ଷତ୍ର - ମୂଳା,ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୬ : ୦୨: ୦୦
ସୂର୍ଯ୍ୟାସ୍ତ - ୫ : ୫୨ : ୦୦

ସତ ଖବର ସମସ୍ତଙ୍କ ଖବର

ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.theajikali.com

Vol.- 40 ISSUE- 327 R.N.I. REGD. No. 44026/86 ବାଲେଶ୍ୱର ୧୨ ମାର୍ଚ୍ଚ ୨୦୨୬ ଗୁରୁବାର BALASORE 12 MARCH 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

"ଆମ ସମସ୍ତଙ୍କ ନିକଟରେ ସମାନ ପ୍ରତିଭା ନାହିଁ । କିନ୍ତୁ ପ୍ରତିଭା ବିକଶିତ କରିବାକୁ ଆମ ସମସ୍ତଙ୍କ ନିକଟରେ ସମାନ ସୁଯୋଗ ରହିଛି ।"
- ଏପିଜେ ଅବ୍‌ଦୁଲ୍ କଲାମ୍

ନୂଆଦିଲ୍ଲୀରେ 'ଜଳ ମହୋତ୍ସବ ୨୦୨୬'କୁ ସମ୍ବୋଧିତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ 'ଜଳ ମହୋତ୍ସବ ୨୦୨୬' କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସମ୍ବୋଧିତ କରିଥିଲେ ।ଏହି ଅବସରରେ, ଭାରତରେ ଜଳ କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ, ବରଂ ଏହା ଆମର ସଂସ୍କୃତି, ପରମ୍ପରା, ଜୀବିକା ଏବଂ ସାମୂହିକ ଜୀବନ ସହିତ ଗଭୀର ଭାବରେ ଜଡିତ ବୋଲି ରାଷ୍ଟ୍ରପତି କହିଛନ୍ତି । ଏତେ ବର୍ଷ ଧରି, ଗ୍ରାମବାସୀ, ବିଶେଷ କରି ମହିଳା ଏବଂ ପିଲାମାନଙ୍କୁ ଦୂର ସ୍ଥାନରୁ ପାନୀୟ ଜଳ ଆଣିବାକୁ ପଡୁଥିଲା । ସ୍ୱଚ୍ଛ ଜଳ ଯୋଗାଣ କେବଳ ସୁବିଧା ପ୍ରଦାନ କରିବାର ବିଷୟ ନଥିଲା ; ଏହା ସମୟ, ସ୍ୱାସ୍ଥ୍ୟ ଏବଂ ମର୍ଯ୍ୟାଦାର ବିଷୟ ଥିଲା । ଏହି ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ପାଇଁ, ଭାରତ ସରକାର 'ଜଳ ଜୀବନ ମିଶନ' ଆରମ୍ଭ କରିଥିଲେ । ପାନୀୟ ଜଳ ପାଇବା ପାଇଁ ସଂଘର୍ଷ କରୁଥିବା ଗ୍ରାମବାସୀମାନେ ଏବେ ସେମାନଙ୍କ ଘରେ ସ୍ୱଚ୍ଛ ଏବଂ ସୁରକ୍ଷିତ ଜଳ ପାଇପାରୁଛନ୍ତି । କେବଳ ସରକାର ନୁହଁନ୍ତି, ଯେତେବେଳେ ସମଗ୍ର ସମୁଦାୟ ଏକ ସମ୍ପଦର ଦାୟିତ୍ୱ ଗ୍ରହଣ କରେ, ସେତେବେଳେ ଏହାର ସଂରକ୍ଷଣ ଅଧିକ ପ୍ରଭାବଶାଳୀ ଏବଂ ସ୍ଥାୟୀ ହୋଇଯାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ଜଳ ପରିଚାଳନା ଏବଂ ସଂରକ୍ଷଣରେ ସାମୁହିକ ମାଲିକାନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ଅର୍ପଣ ଦିବସ' ପାଳନ କରିବା ଦ୍ୱାରା ଗ୍ରାମ ପଂଚାୟତକୁ ଜଳ ଯୋଗାଣ ଭିତିଭୂମିର ଆନୁଷ୍ଠାନିକ ହସ୍ତାନ୍ତର ସାମୁଦାୟିକ ମାଲିକାନା ଭାବନାକୁ ସୁଦୃଢ଼ କରିବ ।ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଜଳ ପରୀକ୍ଷା, ପରିଚାଳନା ଏବଂ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ଏପରି ଅନେକ ଉଦାହରଣ ଅଛି ଯେଉଁଠାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ପ୍ରତିବଦ୍ଧତା ଏବଂ ସମର୍ପଣ ମହିଳା ଏବଂ ସମାଜର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ । ଜଳ ସୁରକ୍ଷା ସମସ୍ୟାର ସମାଧାନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କ ଦକ୍ଷତାକୁ ଉପଯୋଗ କରିବା ବହୁତ ଲାଭଦାୟକ ହେବ ବୋଲି ସେ ବିଶ୍ୱାସ ପ୍ରକାଶ କରିଥିଲେ ।ଜଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ବହୁବିଧ ଏବଂ ସହଯୋଗୀ ପ୍ରୟାସ ଜରୁରୀ ବୋଲି ରାଷ୍ଟ୍ରପତି କହିଥିଲେ । ସେ ଏହା ଜାଣି ଖୁସି ହୋଇଥିଲେ ଯେ 'ସ୍ୱଚ୍ଛ ଭାରତ ମିଶନ' ସହିତ ସମନ୍ୱୟରେ ଗ୍ରାମାଂଳରେ ଅପରିଷ୍କାର ଜଳ ପରିଚାଳନାକୁ ପ୍ରୋତ୍ସାହିତ କରାଯାଉଛି । ଜଳ ସମ୍ପଦଗୁଡ଼ିକୁ ବଜାୟ ରଖିବା ପାଇଁ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂଗଠନ ସହିତ ଭୂତଳ ଜଳ ପୁନଃଚାର୍ଜ ଏବଂ ଜଳ ସଂରକ୍ଷଣ ଉପରେ କାର୍ଯ୍ୟ କରାଯାଉଛି । କ୍ୟାଚ୍ ଦି ରେନ୍ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ଭଳି ଅଭିଯାନ ବର୍ଷା ଜଳ ସଂଗ୍ରହରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେ କହିଥିଲେ ଯେ, ଏପରି ସମନ୍ୱୟ ଜଳ ସୁରକ୍ଷା ସୁନିଶ୍ଚିତ କରିବ । ରାଷ୍ଟ୍ରପତି କହିଥିଲେ ଯେ, ଜଳ ସଂରକ୍ଷଣ କରିବା ହେଉଛି ସମସ୍ତଙ୍କର ଦାୟିତ୍ୱ ।ଆମେ ଜଳକୁ କେବଳ ଏକ ସାମଗ୍ରୀ ଭାବରେ ନୁହେଁ, ବରଂ ଭବିଷ୍ୟତ ପିଢ଼ି ପାଇଁ ଏକ ମୂଲ୍ୟବାନ ସମ୍ପଦ ଭାବରେ ଦେଖିବା ଉଚିତ । ଆମର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ, ଆମକୁ ଜଳ ସଂରକ୍ଷଣକୁ ଆମ ଜୀବନର ଏକ ଅତ୍ୟାବଶ୍ୟକୀୟ ଅଂଶ କରିବାକୁ ପଡିବ । ଜଳ ପରିଚାଳନା ଏବଂ ସଂରକ୍ଷଣ ବିଷୟରେ ଯୁବ ପିଢ଼ିଙ୍କ ମଧ୍ୟରେ ସଚେତନତା ଭବିଷ୍ୟତରେ ଦେଶର ଜଳ ସୁରକ୍ଷାକୁ ସୁନିଶ୍ଚିତ କରିବ । ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ, 'ଜଳ ମହୋତ୍ସବ' ଭାରତର ଜଳ ସୁରକ୍ଷା ପାଇଁ ଏକ ପ୍ରମୁଖ ଆନ୍ଦୋଳନର ମାଧ୍ୟମ ହେବ । ଜଳ ଜୀବନ ମିଶନ ଅଧୀନରେ ଗ୍ରାମାଂଳରେ ପାନୀୟ ଜଳ ସେବା ପ୍ରଦାନ କରିବାରେ ଜନଭାଗୀଦାରୀ ଏବଂ ସାମୁଦାୟିକ ମାଲିକାନାକୁ ସୁଦୃଢ଼ କରିବା ପାଇଁ ଜଳ ଶକ୍ତି ମନ୍ତ୍ରଣାଳୟ ମାର୍ଚ୍ଚ ୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଜଳ ମହୋତ୍ସବ ୨୦୨୬ ଆୟୋଜନ କରୁଛି ।

ତାମିଲନାଡୁର ତିରୁଚିରାପାଲିରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ଆଜି ମୋଦୀ ଐତିହାସିକ ସହର ତ୍ରିଚି ଗସ୍ତ କରି ତାମିଲନାଡୁର ଭି□ତିଭୂମି ଏବଂ ଅର୍ଥନୀତିକୁ ସୁଦୃଢ଼ ? ?କରିବା ପାଇଁ ଏକ ପରିବ□ର୍ତକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ମୋଟ ପାଂ ହଜାର ଛଅ ଶହ କୋଟି ଟଙ୍କାର ନିବେଶ ସହିତ, ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ ଶକ୍ତି, ପେଟ୍ରୋଲିୟମ ସମ୍ବନ୍ଧୀୟ ଉତ୍ପାଦନ ଏବଂ ରାଜପଥ, ରେଳପଥ ଏବଂ ଗ୍ରାମୀଣ ରାସ୍ତା ମାଧ୍ୟମରେ ବହୁ-ମୋଡାଲ ସଂଯୋଗକୁ ବୃଦ୍ଧି କରିଛି । ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ, 'ଏହି ପ୍ରକଳ୍ପଗୁଡ଼ିକ ଶକ୍ତି ଉପଲବ୍ଧତା, ସଂଯୋଗୀକରଣକୁ ବୃଦ୍ଧି କରିବ ଏବଂ ତାମିଲନାଡୁର ଯୁବକମାନଙ୍କ ପାଇଁ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ ।'ସ୍ଥାୟୀ ଶକ୍ତି ଉପରେ ଧ୍ୟାନ ଦେଇ, ପ୍ରଧାନମନ୍ତ୍ରୀ ଭାରତ ପେଟ୍ରୋଲିୟମର ସିଟି ଗ୍ୟାସ ବିତରଣ (ଉଏଉ) ନେଟୱାର୍କର ଭି□ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ?୩,୭୦୦ କୋଟି ଟଙ୍କାର ପ୍ରକଳ୍ପ ପ୍ରାୟ ନଅ ଲକ୍ଷ ପରିବାର ଏବଂ ଅନେକ ବାଣିଜ୍ୟିକ ସଂସ୍ଥାକୁ ପାଇପ୍ ପ୍ରାକୃତିକ ଗ୍ୟାସ (ଚଘଏ) ପ୍ରଦାନ କରି ନୀଳଗିରି ଏବଂ ଇରୋଡ ଜିଲ୍ଲାକୁ ପରିବ□ର୍ତନ କରିବାକୁ ପ୍ରସ୍ତୁତ । ପରିବେଶଗତ ଲାଭ ଉପରେ ଆଲୋକପାତ କରି, ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ 'ମାତ୍ର ଆଠ ବର୍ଷ ମଧ୍ୟରେ ଏହି ପ୍ରକଳ୍ପର ସକାରାତ୍ମକ ପରିବେଶଗତ ପ୍ରଭାବ ଚାରି କୋଟି ଗଛ ଲଗାଇବା ସହିତ ସମାନ ହେବ ।' ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଚେନ୍ନାଇରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନର ଲୁବ୍ ବ୍ଲେଣ୍ଡିଂ ପ୍ଲାଂଟକୁ ଦେଶ ଉଦ୍ଦେଶ୍ୟରେ ସମର୍ପଣ କରିବା 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପକୁ ସୁଦୃଢ଼ ? ?କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ବିଶ୍ୱ ସ୍ତରରେ ଏହି ପ୍ରକାରର ସର୍ବବୃହତ ସୁବିଧା ମଧ୍ୟରୁ ଗୋଟିଏ ଭାବରେ, ଏହି ପ୍ଲାଂଟ ରାଜ୍ୟ ଭିତରେ ଏବଂ ବାହାରେ ବିଭିନ୍ନ ଶିଳ୍ପର ଉଚ୍ଚ ଚାହିଦା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଛି । 'ଲୁବ୍ରିକେଂଟର ସ୍ଥାନୀୟ ଉତ୍ପାଦନ ବୃଦ୍ଧି ଆମଦାନୀ ମଧ୍ୟ ହ୍ରାସ କରେ ଏବଂ ଦେଶ ପାଇଁ ଟଙ୍କା ସଂଚୟ କରେ', ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ନିର୍ମିତ ୩୭୦ କିଲୋମିଟର ଗ୍ରାମୀଣ ରାସ୍ତାର ଉଦଘାଟନ କରି ଗ୍ରାମୀଣ ସଂଯୋଗୀକରଣର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ରାସ୍ତାଗୁଡ଼ିକ ଗ୍ରାମୀଣ ଅର୍ଥନୀତିକୁ ମୁଖ୍ୟଧାରାରେ ସାମିଲ କରି ଗ୍ରାମୀଣ ଅର୍ଥନୀତିକୁ ଉ□ତମ ସୁବିଧା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏହି ବିକାଶ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ, 'ପ୍ରତ୍ୟେକ ରାସ୍ତା ଗ୍ରାମୀଣ ଅର୍ଥନୀତିକୁ ଉନ୍ନତ କରିଥାଏ ଏବଂ ଜୀବନଧାରଣର ସହଜତା ବୃଦ୍ଧି କରିଥାଏ ।'ଏହି ଅଂଳର ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ ଗଙ୍ଗେଇକୋଣ୍ଡା ଚୋଳପୁରମରେ ଏକ ନୂତନ ରାଜପଥ ବାଇପାସ୍ ପ୍ରକଳ୍ପ ଘୋଷଣା କରିଥିଲେ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ସମ୍ରାଟ ରାଜେନ୍ଦ୍ର ଚୋଳଙ୍କ ଦ୍ୱାରା ନିର୍ମିତ ୟୁନେସ୍କୋ ସ୍ୱୀକୃତିପ୍ରାପ୍ତ ମହାନ ମନ୍ଦିରକୁ ପବିତ୍ର ସ୍ଥାନରୁ ଭାରୀ ଯାତାୟାତକୁ ଦୂରେଇ ରଖିବା, ସ୍ମାରକୀ ଏବଂ ଏହାର ପରିଦର୍ଶକ ଉଭୟଙ୍କ ସୁରକ୍ଷା ସୁନିଶ୍ଚିତ କରିବା । ନୂତନ ଭି□ତିଭୂମି ସମ୍ପର୍କରେ, ଶ୍ରୀ ମୋଦୀ କହିଥିଲେ, 'ଏହାର ଅର୍ଥ ସମସ୍ତଙ୍କ ପାଇଁ ଉନ୍ନତ ସୁରକ୍ଷା ।'ତାଙ୍କ ଅଭିଭାଷଣ ଶେଷ କରି ପ୍ରଧାନମନ୍ତ୍ରୀ ଅମୃତ ଭାରତ କାର୍ଯ୍ୟକ୍ରମ ଅଧୀନରେ ଆଠଟି ଷ୍ଟେସନର ସମ୍ପ୍ରତି ଆଧୁନିକୀକରଣ ଏବଂ ପୁନଃବିକାଶ ପରେ ରାଜ୍ୟର ପରିବହନ କ୍ଷେତ୍ରର ଦ୍ରୁତ ଆଧୁନିକୀକରଣ ଉପରେ ଆଲୋକପାତ କରିଥିଲେ ।

ଅଞ୍ଚଳରେ ଖବର

» ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ର ଅଖିଳ ଭାରତୀୟ ପ୍ରତିନିଧି ସଭାର ପ୍ରତିବର୍ଷ ହେଉଥିବା ତିନିଦିନିଆ ବୈଠକ ଏହି ବର୍ଷ ୧୩ ରୁ ୧୫ ମାର୍ଚ୍ଚ ପର୍ଯ୍ୟନ୍ତ ହରିୟାଣାର ସମାଲଖାରେ ଆୟୋଜିତ ହେବ । ବୈଠକରେ ଯୋଗଦେବା ପାଇଁ ସଂଘର ସମସ୍ତ ପ୍ରମୁଖ ପଦାଧିକାରୀମାନେ ଏଠାକୁ ପହଂଚିସାରିଛନ୍ତି ।

» ନନ୍ଦନକାନନରେ ନୂଆ ଅତିଥି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ପଶୁ ବିନିମୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀରେ ହେଲେ ଅଦଳବଦଳ ଓ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣ, ନୂଆଦିଲ୍ଲୀର ଅନୁମୋଦନ ପରେ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଭୁବନେଶ୍ୱର ଏବଂ ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ, ବିଶାଖାପାଟଣା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଶୁ ବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

» ୧୪ ଟି ଜିଲ୍ଲା ହୋଇ ସାରିଛି ଏମଏସଏମଇ ପାର୍କ । ଚଳିତ ଏପ୍ରିଲ ବେଳକୁ ଆହୁରି ୪ ରୁ ୫ ଟି ପାର୍କ କାର୍ଯ୍ୟ ସମାପ୍ତ ହେବ । ୩୦ ଟି ଜିଲ୍ଲାରେ ହେବ ଏମଏସଏମଇ ପାର୍କ ।

'ଭାରତ ଟେକ୍ସ ୨୦୨୬'ର ଶୁଭାରମ୍ଭ କଲେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ

ନୂଆଦିଲ୍ଲୀ- କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହ ଆଜି ଭାରତର ପ୍ରମୁଖ ବିଶ୍ୱସ୍ତରୀୟ ବୟନ କାର୍ଯ୍ୟକ୍ରମ 'ଭାରତ ଟେକ୍ସ ୨୦୨୬'ର ଶୁଭାରମ୍ଭ କରିଛନ୍ତି, ଯାହା ବିଶ୍ୱ ବୟନ ଅର୍ଥନୀତିରେ ଦେଶର ବଢୁଥିବା ନେତୃତ୍ୱକୁ ସୂଚାଉଛି । ଶିଳ୍ପ, ସରକାର ଏବଂ ବାଣିଜ୍ୟିକ ସଂସ୍ଥାର ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ, ଭାରତ ଟେକ୍ସକୁ ଏକକ ବୃହତମ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି, ଯାହା ଫାଇବର ଏବଂ ସୂତାଠାରୁ ଆରମ୍ଭ କରି କପଡ଼ା, ପୋଷାକ, ବୈଷୟିକ ବୟନ ଏବଂ ସ୍ଥାୟୀ ନବସୃଜନ ପର୍ଯ୍ୟନ୍ତ ସମଗ୍ର ବୟନ ଶୃଙ୍ଖଳାକୁ ଏକାଠି କରିବ । ପୂର୍ବର ଦୁଇଟି ସଂସ୍କରଣର ଚମତ୍କାର ସଫଳତାକୁ ଭି□ କରି ଏହି ସଂସ୍କରଣ କଳ୍ପନା କରାଯାଇଛି । ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ପ୍ରଭାବଶାଳୀ ସଂସ୍କରଣ ହେବାକୁ ଯାଉଛି । ଏହା ୧୪-୧୭ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସଂସ୍କରଣରେ ୩,୫୦୦ ରୁ ଅଧିକ ବ୍ୟବସାୟିକ ପ୍ରଦର୍ଶନକାରୀ, ୧୪୦ରୁ ଅଧିକ ଦେଶର ୭,୦୦୦ ରୁ ଅଧିକ ଅନ୍ତର୍ଜାତୀୟ କ୍ରେତା ଏବଂ ୧,୩୦,୦୦୦ ରୁ ଅଧିକ ବାଣିଜ୍ୟିକ ଦର୍ଶକ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ଫାଇବର ଏବଂ ସୂତା, କପଡ଼ା, ପୋଷାକ ଏବଂ ଫ୍ୟାଶନ, ହୋମ୍ ଟେକ୍ସଟାଇଲ୍, ବୈଷୟିକ ବୟନ, ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ବୁଦ୍ଧିମାନ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ସମେତ ସମଗ୍ର ବୟନ ପରିସଂସ୍ଥା ପ୍ରଦର୍ଶିତ ହେବ । ଏହି କାର୍ଯ୍ୟକ୍ରମ ଉତ୍ପାଦନ, ଡିଜାଇନ୍, ପ୍ରଯୁକ୍ତିବିଦ୍ୟା ଏବଂ ବାଣିଜ୍ୟ କ୍ଷେତ୍ରରେ ଭାରତର ସମନ୍ୱିତ ଶକ୍ତିକୁ ପ୍ରତିଫଳିତ କରେ ।ଏହାକୁ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଏବଂ ସାମଗ୍ରିକ ବୟନ କାର୍ଯ୍ୟକ୍ରମ ଭାବରେ ବର୍ଣ୍ଣନା କରି ସେ ବୟନ ଶିଳ୍ପର ଇପିସି ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ନିରନ୍ତର ପ୍ରୟାସ ଓ ନିଷ୍ଠାକୁ ପ୍ରଶଂସା କରିଛନ୍ତି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ ଟେକ୍ସ ଏକ ନିର୍ଭରଯୋଗ୍ୟ, ସ୍ଥାୟୀ ସୋର୍ସିଂ ସ୍ଥଳ ଏବଂ ବୃହତ ସ୍ତରର ବିନିଯୋଗ କେନ୍ଦ୍ର ଭାବରେ ଭାରତର ଆକର୍ଷଣକୁ ପୁନଃ ପ୍ରତିଷ୍ଠିତ କରିବ । ନବସୃଜନ, ସହଯୋଗ ଏବଂ 'ମେକ୍ ଇନ୍ ଇଣ୍ଡିଆ' ଭାବନାକୁ ଭିତି କରି ଏହି କାର୍ଯ୍ୟକ୍ରମ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୫ଏଫ ଦୂରଦୃଷ୍ଟିର ଏକ ପ୍ରତିଫଳନ ବୋଲି ସେ କହିଛନ୍ତି ।ଅଫିସିଆଲ୍ ଶୁଭାରମ୍ଭ ସମାରୋହରେ ବୟନ ଶିଳ୍ପ ମନ୍ତ୍ରଣାଳୟର ସଚିବ ଶ୍ରୀମତୀ ନୀଲମ ଶାମି ରାଓ, ଅତିରିକ୍ତ ସଚିବ ଶ୍ରୀ ରୋହିତ କଂସଲ, ରପ୍ତାନି ପ୍ରୋତ୍ସାହନ ପରିଷଦର ବରିଷ୍ଠ ପ୍ରତିନିଧି ଏବଂ ଶିଳ୍ପ ଜଗତର ନେତୃବୃନ୍ଦ ଉପସ୍ଥିତ ଥିଲେ । ଭାରତ ଟେକ୍ସ ୨୦୨୬ ଏହାର ୨୦୨୪ ଏବଂ ୨୦୨୫ର ପୂର୍ବ ସଂସ୍କରଣଗୁଡ଼ିକର ସଫଳତା ଉପରେ ପର୍ଯ୍ୟବସିତ ଏବଂ ଏହା ପ୍ରଦର୍ଶନୀ, ଜ୍ଞାନ ଆଦାନପ୍ରଦାନ ଅଧିବେଶନ, ରିଭର୍ସ ବାୟର-ସେଲର୍ ମିଟ୍ ଏବଂ ନୀତିଗତ ଆଲୋଚନାର ଏକ ଅନନ୍ୟ ସମାବେଶ ପ୍ରଦାନ କରିବ । ଏହାର ବିଶେଷ ଧ୍ୟାନ ସ୍ଥାୟୀ ଏବଂ ସର୍କୁଲାର ଟେକ୍ସଟାଇଲ୍, ବୈଷୟିକ ବୟନ, ଏମଏସଏମଇ ଅନ୍ତର୍ଭୁକ୍ତିକରଣ, ନବସୃଜନ ଏବଂ ବିଶ୍ୱ ବଜାରରେ ପ୍ରବେଶ ଉପରେ ରହିବ ।

ରେଳଭଡ଼ାରେ କୌଣସି ବ୍ୟବସାୟିକ ଗୋପନୀୟତା ନାହିଁ : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : ରେଳ ମନ୍ତ୍ରଣାଳୟ ଟିକେଟ୍ ଭଡ଼ା ଏକ 'ବ୍ୟବସାୟିକ ଗୋପନୀୟତା' ଭାବରେ ବିବେଚନା କରେ ନାହିଁ । ସମସ୍ତ ବର୍ଗର ଯାତ୍ରୀ ସେବା ପାଇଁ ଭଡ଼ା ସମ୍ବନ୍ଧୀୟ ସୂଚନା ସାର୍ବଜନୀନ ଡୋମେନରେ ଉପଲବ୍ଧ ଏକ ବ୍ୟାପକ ପ୍ରକାଶିତ ସୂଚନା । ଭାରତୀୟ ରେଳବାଇ ୨୦୨୪-୨୫ରେ ଯାତ୍ରୀ ଟିକେଟ୍ ଉପରେ ୬୦,୨୩୯ କୋଟି ଟଙ୍କାର ସବସିଡି ପ୍ରଦାନ କରିଛି । ଏହା ରେଳବାଇରେ ଯାତ୍ରା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ହାରାହାରି ୪୩% ରିହାତି ଅଟେ । ଅନ୍ୟ ଅର୍ଥରେ, ଯଦି ସେବା ପ୍ରଦାନ କରିବାର ମୂଲ୍ୟ ୧୦୦ ଟଙ୍କା, ତେବେ ଟିକେଟର ମୂଲ୍ୟ କେବଳ ୫୭ ଟଙ୍କା । ସମସ୍ତ ଯାତ୍ରୀଙ୍କ ପାଇଁ ଏହି ସବସିଡି ଜାରି ରହିଛି । ଆହୁରି, ଏହି ସବସିଡି ରାଶିଠାରୁ ଅଧିକ ରିହାତି ଅନେକ ବର୍ଗ ପାଇଁ ଜାରି ରହିଛି, ଯେପରିକି ୪ଟି ବର୍ଗର ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ), ୧୧ଟି ବର୍ଗର ରୋଗୀ ଏବଂ ୪ଟି ବର୍ଗର ଛାତ୍ରଛାତ୍ରୀ । ସର୍ବାଧିକ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ଯାତ୍ରୀ ଭଡ଼ା (ମୂଳ ଭଡ଼ା, ସଂରକ୍ଷଣ ଶୁଳ୍କ, ସୁପରଫାଷ୍ଟ ଶୁଳ୍କ, ଜିଏସଟି, ଇତ୍ୟାଦି) ର ବିଭିନ୍ନ ଉପାଦାନର ବିବରଣୀ ଯାତ୍ରୀ ଟିକେଟରେ ପ୍ରଦର୍ଶିତ ହୁଏ, ଭୌତିକ ଏବଂ ଡିଜିଟାଲ୍ ଫର୍ମରେ ଭଡ଼ା ଟେବୁଲ ଭାବରେ ପ୍ରକାଶିତ ହୁଏ, କମ୍ପ୍ୟୁଟରୀକୃତ ଟିକେଟ୍ ସିଷ୍ଟମରେ ଉପଲବ୍ଧ/ପ୍ରଦର୍ଶିତ ହୁଏ (ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା, ଅଣସଂରକ୍ଷିତ ଟିକେଟ୍ ବ୍ୟବସ୍ଥା), ମୋବାଇଲ୍ ଆପ୍ଲିକେସନ୍ (ରେଲୱାନ୍) ଇତ୍ୟାଦି । ଏହାବ୍ୟତୀତ, ସମୟ ସମୟରେ ନିଆଯାଇଥିବା ଯାତ୍ରୀ ଭଡ଼ା ଯୁକ୍ତିସଙ୍ଗତକରଣ

ପ୍ରଶାସନ ପକ୍ଷରୁ ବିଶ୍ୱ ଗ୍ଲୁକୋମା ଦିବସ ପାଳିତ

ବାଲେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ଗ୍ଲୁ କୋମା ଦିବସ -୨୦୨୬ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସା ଏଂ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ହୋଇଥିଲା । ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଶ୍ୱ ଗ୍ଲୁ କୋମା ଦିବସର ବିଷବସ୍ତୁ - ଗ୍ଲୁକୋମା ମୁକ୍ତ ବିଶ୍ୱ ପାଇଁ ଏକାଠି ହେବା । ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍... କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବେସରକାରୀ ଅନୁଷ୍ଠାନ ମାନଙ୍କ ଦ୍ୱାରା କାର୍ଯ୍ୟ ରେ ପରିଣତ କରିଥାନ୍ତି । ଏଥିପାଇଁ ରାଜ୍ୟ ସରକାର ପତ୍ର ସଂଖ୍ୟା ୬୪୩୨ ତା - ୩/୯/୧୬ ରିଖ ରେ ଏକ ଜିଲ୍ଲା ସ୍ତରୀୟ ଯୋଜନା ଅନୁମୋଦନ କମିଟି ଗଠନ ପାଇଁ ସ୍ଥିରୀକୃତ କରିଥିଲେ । ଜିଲ୍ଲାରେ ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟମାନ ପାଇଁ ବେସରକାରୀ ଅନୁଷ୍ଠାନ କୁ ଚୟନ ନିମନ୍ତେ ଏହି କମଟି ର ସୁପାରିଶ ରାଜ୍ୟ ସରକାରଙ୍କ ପାଇଁ ଏକ ଆବଶ୍ୟକତା । ଏଥିପାଇଁ ବାଲେଶ୍ୱର ଜିଲ୍ଲା ରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ନୂତନ ଓ ପୁରାତନ ଯୋଜନା ର କାର୍ଯ୍ୟକାରିତା ପାଇଁ ଦରଖାସ୍ତ ଆବେଦନ ପରେ ଜିଲ୍ଲା ପ୍ରଶାସନ ଗତ ତା ୧୪/୧୦/୨୫ ରିଖ ରେ ଏକ ସୂଚନା ଉପସ୍ଥାପନା କରାଇଥିଲେ । ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ରେ ଥିବା ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଆବେଦନକାରୀ ଅନୁଷ୍ଠାନ କୁ ତଦନ୍ତ କରି ତଦନ୍ତ ରିପୋର୍ଟ ତା ୨୫/୧୦/୨୫ ରିଖ ସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦାଧିକାରୀ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଦର୍ଶନ କରିନାହାନ୍ତି କିମ୍ବା କରିବା ପାଇଁ କୌଣସି ପଦକ୍ଷେପ ନେଇ ନାହାନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ତଦନ୍ତ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଅଧିକାରୀ ମାନେ ଜିଲ୍ଲାପାଳଙ୍କ ଉକ୍ତ ନିର୍ଦ୍ଦେଶନାମା ହାଲୁକା ଭାବରେ ଗ୍ରହଣ କରିଛନ୍ତି କିମ୍ବା ଜିଲ୍ଲା କୁ ଆସିବାକୁ ଥିବା ଅନୁଦାନ ସାମାଜିକ ସୁରକ୍ଷା ବିଭାଗ ପାଇଁ ଅନାବଶ୍ୟକ ଭାବି ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି, ଫଳରେ ଯୋଜନା ଅନୁମୋଦନ ସୁପାରିଶ ପତ୍ର ଜିଲ୍ଲା ରୁ ରାଜ୍ୟ କୁ ପ୍ରେରଣା କରାନଗଲେ ଜିଲ୍ଲା ଏବର୍ଷ ପାଇଁ ଆବଶ୍ୟକ ଥିବା ସାମାଜିକ ସୁରକ୍ଷା ବିଭାଗ ଅନୁଦାନ ହରାଇବାକୁ ବାଧ । ଏଥିଯୋଗୁଁ ଜିଲ୍ଲା ପ୍ରଶାସନ ପାଇଁ ଆର୍ଥିକ ଅନୁଦାନ ରାଜ୍ୟ ଠାରୁ ପାଇବାରୁ ବଂଚିତ ହେବ । ଜିଲ୍ଲାପାଳ ମହାଶୟ ଉକ୍ତ ବିଷୟକୁ ଅନୁଧ୍ୟାନ କରି ତୁରନ୍ତ ଜିଲ୍ଲା ସ୍ତରୀୟ ପ୍ରକଳ୍ପ ଅନୁମୋଦନ ସୁପାରିଶ ତୁରନ୍ତ ପ୍ରଦାନ କଲେ ଜିଲ୍ଲା ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ରୁ ଅର୍ଥ ହାତଛଡା କରିବ ନାହିଁ ।

ଜଣ୍ଡିସ ପ୍ରକୋପ, ୬ସ୍କୁଲ ପିଲା ଆକ୍ରାନ୍ତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ଂଚାୟତ ଅଧୀନ ଅରଖପଦା ଗାଁରେ ଜଣ୍ଡିସ ଆକ୍ରାନ୍ତ ଯୋଗୁଁ ଗ୍ରାମରେ କୋକୁଆଭୟ ସୃଷ୍ଟି ହୋଇଛି । ପ୍ରଥମେ ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରଙ୍କୁ ଏହି ରୋଗ ବ୍ୟାପିବା ପରେ ଏବେ ପୁରା ଗ୍ରାମକୁ ଏହା ବ୍ୟାପିବାକୁ ଆରମ୍ଭ କରିଛି । ପାଖାପାଖି ୭ଦିନ ତଳେ ୫ମ ଶ୍ରେଣୀର ଛାତ୍ର ଅଶୋକ ଜେନା, ୩ୟ ଶ୍ରେଣୀର ରୁଦ୍ର ପ୍ରତାପ ଜେନା, ୭ମ ଶ୍ରେଣୀର ଜ୍ୟୋତ୍ସ୍ନାରାଣି ଦାସ, କିଶୋର କୁମାର ଜେନା ଓ ଶୁଭଲକ୍ଷ୍ମୀ ଜେନା ଜ୍ୱରରେ ଆକ୍ରାନ୍ତ ହେବା ପରେ ବାନ୍ତି ହୋଇଥିଲା । ପରୀକ୍ଷା ପରେ ଏହା ଜଣ୍ଡିସ ବୋଲି ଜଣାପଡିଥିଲା । ଧିରେ ଧିରେ ଏହା କାୟା ବିସ୍ତାର କରି ପାଚିକା ପୁଜା ଦାସ,କାଜଲ ଜେନା ଇତ୍ୟାଦି ଙ୍କୁବ୍ୟାପି ଥିଲା । ପାଇପ ପାଣିରୁ ଏହା ବ୍ୟାପୁଥିବା ନେଇ ଗ୍ରାମବାସୀ ଉପଲବ୍ଧି କରିବା ପରେ ପାଇପ ଜଳ ଯୋଗାଣ ପ୍ରକଳ୍ପଙ୍କୁ ବନ୍ଦ ରଖାଯାଇଛି । ପ୍ରଧାନଶିକ୍ଷକ ହେମନ୍ତ କୁମାର ବାରିକ ଏ ସମ୍ପର୍କରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅବଗତ କରାଯିବା ପରେ ଶୁକ୍ରବାର ଡା ମାନସ କୁମାର ଦାସ ଓ ସୋମବାର ଡା ଜ୍ୟୋତି ରଞ୍ଜନ ଶିଅଳଙ୍କ ନେତୃତ୍ୱରେ ପୃଥକ ପୃଥକ ଟିମ ବିଦ୍ୟାଳୟକୁ ଯାଇ ନମୁନା ସଂଗ୍ରହ କରିବା ସହ ପ୍ରତିଷେଧକ ଏବଂ ସଚେତନ କରାଇଛନ୍ତି ।

ଡି.ପି.ଏଲ-୨୦୨୬ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଭଦ୍ରକ(ନିପ୍ର): ବରପଦା ଇଂଜିନିୟରିଂ କଲେଜର ଡି.ପି.ଏଲ-୨୦୨୬ କ୍ରିକେଟ ଟୁର୍ଣ୍ଣାମେଂଟ ୨୦୨୬ ମାର୍ଚ୍ଚ ୫ ରୁ ଆରମ୍ଭ ହୋଇ ମାର୍ଚ୍ଚ ୭ରେ ଉଦ୍ ?ଯାପନ କରାଯାଇଅଛି । ବି.ଏସ.ଇ.ଟି. ସୋସାଇଟିର ବିଭିନ୍ନ ବିଭାଗର ୮ଟି ଟିମ୍ ଏହି ଟୁର୍ଣ୍ଣାମେଂଟରେ ଭାଗ ନେଇଥିଲେ । ଉଦ୍‌ଘାଟନ ଦିବସରେ ବି.ଆଇ.ଇ.ଟି ର ଭାରପ୍ରାପ୍ତ ଅଧକ୍ଷ ଡ. ପ୍ର. ଡି.କେ ସାହୁ, ଡିପ୍ଲୋମାର ଅଧକ୍ଷ ଡ. ପ୍ର. ଗଙ୍ଗାଧର ଧଳ ଏବଂ ଏମ.ବି.ଏ ର ଭାରପ୍ରାପ୍ତ ଅଧକ୍ଷ ଡ.ପ୍ର. ପି.ପି. ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ଭାବେ ଉଦ୍‌ଘାଟନ କରିବାପରେ ଖେଳ ଆରମ୍ଭ କରାଯାଇଥିଲା । ସମସ୍ତ ମ୍ୟାଚ ଗୁଡିକର ଅମ୍ପାୟର ରମେଶ ମଲ୍ଲିକ, ଅକ୍ଷୟ ସେଠୀ ଏବଂ ମ୍ୟାଚ ରେଫ୍ରୀ ସୁଦାମ କୁମାର ନାୟକଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା । ଏହି ଟୁର୍ଣ୍ଣାମେଂଟକୁ ସୂଚାରୁ ରୂପେ ଏବଂ ଶୃଙ୍ଖଳାଗତ ଭାବେ ପରିଚାଳନାରେ କ୍ରୀଡା ବିଭାଗ ଦାୟିତ୍ୱରେ ଥିବା ପ୍ରଫେସର ଇନ୍ ?ଚାର୍ଜ ଡ. ଜ୍ଞାନେନ୍ଦ୍ର କୁମାର ପଣ୍ଡା, ସହକାରୀ ପ୍ରଫେସର ଇନ୍ ?ଚାର୍ଜ ଇଂ. ମନୋଜ କୁମାର ବରାଳ, ଉକ୍ତ କଲେଜର ପି.ଇ.ଟି. ସେକ୍ ନାସିର ଅଲ୍ଲୀ ପ୍ରମୁଖ ସହଯୋଗ କରିଥିଲେ । ଉଦ୍‌ଯାପନ ଦିବସରେ ବି.ଆଇ.ଟି.ର ଭାରପ୍ରାପ୍ତ ଅଧକ୍ଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଟ୍ରଫି ସିଭିଲ ବିଭାଗ(ବି.ଟେ.କ) ଏବଂ ରନସ୍‌ଅଫ ଟ୍ରଫି ମେକାନିକାଲ ବିଭାଗ (ବି.ଟେ.କ)ର ପିଲାମାନଙ୍କୁ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ ସୌମ୍ୟରଂଜନ ସାମଲଙ୍କୁ ମେନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଂଟ ଶେଷ ଦିନରେ ଲେଡି ପି.ଇ.ଟି. ଶୁଭଶ୍ରୀ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଳିକାମାନଙ୍କର ଏକ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା କରାଇଯାଇଥିଲା । ଏଥିରେ ଲଭ୍‌ଲି ଗୋଇପାଇ(ଡିପ୍ଲୋମା ତୃତୀୟ ବର୍ଷ ସିଭିଲ) ୧ମ ସ୍ଥାନ, ଶ୍ରାବଣି ଯେନା (ବି.ଟେ.କ, ତୃତୀୟ ବର୍ଷ କମ୍ପ୍ୟୁଟର ସାଇନ୍‌ସ) ୨ୟ ସ୍ଥାନ ଏବଂ ସ୍ନିଗ୍ଧାରାଣୀ ମହାପାତ୍ର (ଡିପ୍ଲୋମା ତୃତୀୟ ବର୍ଷ କମ୍ପ୍ୟୁଟର ସାଇନ୍‌ସ) ୩ୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କ ପାଖରୁ ପୁରସ୍କାର ଗ୍ରହଣ କରିଥିଲେ ।

ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ୨୪୪ ତୀର୍ଥଯାତ୍ରୀଙ୍କ ଯାତ୍ରା

ବାଲେଶ୍ୱର(ନିପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ୨୪୪ ଜଣ ତୀର୍ଥଯାତ୍ରୀଙ୍କ ଯାତ୍ରା ଆରମ୍ଭ କଲେ ବାଲେଶ୍ୱରର ଲୋକପ୍ରୀୟ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ । ସବୁଜ ପତାକା ଦେଖାଇବା ପରେ ୩ଟି ବସ୍ ୧୧ତାରିଖ ଅପରାହ୍ନରେ ଆଇଟିଆଇ ପଡିଆରୁ ପୁରୀ ଅଭିମୁଖେ ଯାତ୍ରା କରିଛି ଏହି ତୀର୍ଥଯାତ୍ରୀ ବସ୍ । ପ୍ରକାଶ ଯେ, ସକାଳୁ ସମସ୍ତ ବ୍ଲକ୍ ମାନଙ୍କରୁ ବସ ଓ ଗାଡ଼ି ଯୋଗେ ତୀର୍ଥ ଯାତ୍ରୀ ମାନଙ୍କୁ ଅଣାଯାଇ ବାଲେଶ୍ୱର ଆଇ ଟି ଆଇ ପଡିଆ ଠାରେ ପ୍ରଥମେ ପହଂଚିଲା ପରେ ପଞ୍ଜୀକରଣ କରାଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଭୋଜନ କରାଇଲା ପରେ ଅପରାହ୍ନ ୪.୩୦ ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ ମଧୁସ୍ମିତା ସାମନ୍ତରାୟ, ଡେପୁଟି ଜିଲ୍ଲାପାଳ ସୀତାଂଶୁ ଦାସ, ଆଂଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ, ଡି ଏସ ଏସ ଓ ପ୍ରତିଭା ବେହେରା, ଜିଲ୍ଲା ଏମର୍ଜେନ୍ସି ଅଧିକାରୀ ସାଇ କୃଷ୍ଣ ଜେନା, ସହକାରୀ ଜିଲ୍ଲାପାଳ ଅମ୍ଳାନ କୁମାର ନାୟକ, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ବିଶ୍ୱଜିତ୍ ବେହେରା ଓ ସୂଚନା ଉକ ସମ୍ପର୍କ ଅଧିକାରୀ ମଂଚାସୀନ ଥିଲେ । ପାଂଚ ଜଣ ତୀର୍ଥ ଯାତ୍ରୀଙ୍କୁ ଜିଲ୍ଲାପାଳଙ୍କ କିଟ୍ ବ୍ୟାଗ୍ ଓ ଉତରୀୟ ପ୍ରଦାନ କରାଗଲା । ଅନ୍ୟ ଯାତ୍ରୀ ଙ୍କର ମୋଟ ବ୍ୟାଗ୍ ବସ୍‌ରେ ସେମାନଙ୍କ ସିଟ୍‌ପାଖରେ ରଖି ଦିଆଯାଇଥିଲା । ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ବାଲେଶ୍ୱରର ଆର୍ଥିକର୍ଥି ଦୃଷ୍ଟିରୁ ଅନଗ୍ରସର ବୟସ୍କ ବ୍ୟକ୍ତି (୬୦-୭୫ ବର୍ଷ) ଏବଂ ୭୫ ବର୍ଷବୟସ ପର୍ଯ୍ୟନ୍ତ ବିଧବିବା ମହିଳା ହି ମାନଙ୍କ ପାଇଁଏକ ମାଗଣା ପୁରୀ ପୁ ତୀର୍ଥଯାତ୍ରା ପ୍ରଦାନ କରେ । ଏସ୍.ଜେ.ଡି.ଡିଓ୍ୱାଇ ଯୋଜନାଟି ଓଡ଼ିଶା ଡ଼ି ରାଜ୍ୟ ସଡ଼କ ପରିବହନ ରି ନିଗମନି ମାଧ୍ୟମରେ ସମ୍ପୂର୍ଣ୍ଣଭାବରେ କାର୍ଯ୍ୟକାରୀ କରାଯାଉଛି, ଛିଯେଉଁଥିରେ ସମସ୍ତ ଯୋଗ୍ୟ ହିତା ହି ଧିକାରୀଙ୍କ ପାଇଁ ନିରା ନି ପଦ, ସୁଗମସୁ ଏବଂ ଆରାମଦାୟକ ତୀର୍ଥଯାତ୍ରା ସୁନିସୁଶ୍ଚିନିଶ୍ଚିତ କରିବା ରି ପାଇଁ ଏକାଧିକ ଅଂଶୀଦାରମାନଙ୍କର ଉତମ ସମନ୍ୱୟ ରହିଛିହିଛି । ହିତା ହି ଧିକାରୀମାନଙ୍କର ବୃଢ଼ାନ୍ତ ଚୟନ ଇ-ରାଣ୍ଡୋମାଇଜେସନ୍ ମାଧ୍ୟମରେ କରାଯାଇଥାଏ । ଯଦି ତୀର୍ଥଯାତ୍ରା ପାଇଁଆଗ୍ରହ ପ୍ରକାଶ କରିଥିରିବା କୌଣସି ମନୋନୀତ ଆବେଦନକାରୀ ଶେଷ ମୁହୂର୍ତ୍ତରେ ଯିବାକୁ ଅସମର୍ଥହୁଅନ୍ତି, ତେବେ ଉକ୍ତ ଖାଲି ସ୍ଥାନକୁ ପ୍ରତୀକ୍ଷା ତାଲିକା ଏବଂ ଅନ୍ୟାନ୍ୟ ଯା* ହୋଇଥିବା ଆବେଦନ ଗୁଡ଼ିକ ପୂରଣପୂ କରାଯାଇଛି । ବାଲେଶ୍ୱର ଜିଲ୍ଲା ଜି ରୁ ମୋଟ ୨୨୩ ଜଣ ତୀର୍ଥଯାତ୍ରୀ ଏବଂ ୨୧ ଜଣ ଏସ୍କର୍ଟଅଧିକାରୀ (ଇଭେଂଟ ମ୍ୟାନେଜମେଂଟ ଏଜେନ୍ସିରୁନ୍ସିରୁ-୭, ଜିଲ୍ଲା ଜି ପ୍ରଶାସନ/ ଓଏସଆରଟିସିଟିରୁସିରୁ-୭, ପାରାମେଡିକା ଡି ଲ୍ ଷ୍ଟାଫ୍-୭) ୧୧.୦୩.୨୦୨୬ ରେ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ୭ ଟି ବସ୍ ଯୋଗେ (ପ୍ରତ୍ୟେକ ବସ୍ରେ ୩ ଜଣ ଏସ୍କର୍ଟଅଧିକାରୀ ରହିବେହି) ପୁରୀ ପୁତୀର୍ଥଯାତ୍ରାରେ ଯିବାର କାର୍ଯ୍ୟକ୍ରମ ରହିଛି ।

ନିଆଁ ଲିଭାଇବା ପାଇଁ ବନ ବିଭାଗର ଆପ୍ରାଣ ଉଦ୍ୟମ

ନୀଳଗିରି(ନିପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ର ତିନିକୋଣିଆ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଥିବା ବେଳେ ନିଆଁ ବିସ୍ତିର୍ଣ୍ଣ ଭାବେ ବ୍ୟାପିବାରେ ଲାଗିଛି । ନିଆଁରେ ମୂଲ୍ୟବାନ ଔଷଧୀୟ ବୃକ୍ଷ ଜଳି ଯିବା ସହିତ ଜଙ୍ଗଲରେ ବସବାସ କରୁଥିବା ବିଭିନ୍ନ ପ୍ରଜାତିର ସରୀସୃପ ମୃତ୍ୟୁ ହୋଇଛି । ନିଆଁ କୁ ଆୟତ କରିବାକୁ ଯାଇ ବନବିଭାଗ କର୍ମଚାରୀ ଆପ୍ରଣା ଉଦ୍ୟମ କରୁଥିବାର ଦେଖିବାକୁ ମିଳିଛି । ବ୍ଲୋୟର ମେସିନ ମାଧ୍ୟମରେ ନିଆଁକୁ ଆଂଷିକ ଭାବେ ଆୟତ କରାଯାଇଥିବା ବେଳେ ନିଆଁ ବିଭିନ୍ନ ସ୍ଥାନକୁ ବ୍ୟାପିଚାଲିଛି । ତେବେ କୌଣସି ଦୁର୍ବୃତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି । ଜଙ୍ଗଲ ବିଭାଗ ପକ୍ଷରୁ ସଚେତନ ସୃଷ୍ଟିର ଆବଶ୍ୟକ ରହିଛି ବୋଲି ପରିବେଶ ବିତ ମତପ୍ରକାଶ କରିଛନ୍ତି ।

ଅଭିଯୁକ୍ତ ନାବାଳକ ଗଲା ଅନୁଗୁଳ ଜୁଭେନାଇଲ୍ ବୋର୍ଡ଼

ବାଲେଶ୍ୱର(ନିପ୍ର): ଜଣେ ନାବାଳକ ସେହି ଗ୍ରାମର ନାବାଳିକଙ୍କ ସହ ସମ୍ପର୍କ ସ୍ଥାପନ କରି ନାବାଳିକାଙ୍କୁ ୨ ମାସ ଅନ୍ତସତ୍ତ୍ୱା କଲା ପରେ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା ରୁଜୁ କରି ଉଭୟ ନାବାଳକ ଓ ନାବାଳିକାଙ୍କୁ ସିଡବ୍ଲୁସିରେ ହାଜର କରାଇଥିଲେ । ସିଡବ୍ଲୁସି ନାବାଳକଙ୍କୁ ଅନୁଗୁଳ ଜୁଭେନାଇଲକୁ ସ୍ଥାନାସ୍ତର କରିଥିବାବେଳେ ନାବାଳିକାଙ୍କୁ ଉତ୍କଳ ବାଳାଶ୍ରମରେ ରଖିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଉଭୟଙ୍କ ଘର ବାଲିଆପାଳ ଥାନା ଅନ୍ତର୍ଗତ କଇଁଗଡ଼ିଆ ଗ୍ରାମରେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସରେ ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହ ସହିତ ପାଳନ କରାଯାଇଥିଲା । ନାରୀ ସଶକ୍ତିକରଣ ଓ ନେତୃତ୍ୱ ଉପରେ ଗୁରୁତ୍ୱ ଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । କୁଳସଚିବ କୁକୁମୀନା ଦାସ ନିଜ ଉଦବୋଧନରେ ନାରୀମାନଙ୍କ ପାଇଁ ପ୍ରତିଷ୍ଠାନଗତ ସହଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ବ୍ୟକ୍ତ କରିଥିବା ସହ ଯୁବ ଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ ଓ ଦୃଢ଼ ସଙ୍କଳ୍ପ ସହ ନିଜ ଲକ୍ଷ୍ୟ ସାଧନ ପାଇଁ ଆଗୁଆ ହେବାକୁ ପ୍ରେରିତ କରିଥିଲେ । ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ଼କ୍ଟର କବିତା ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ସମାଜ ଓ ସାହିତ୍ୟରେ ମହିଳାଙ୍କ ବୃଦ୍ଧିଶୀଳ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଶିକ୍ଷା ଓ ସଚେତନତା ହେଉଛି ନାରୀଙ୍କ ମର୍ଯ୍ୟାଦା, ସମାନତା ଓ ସଶକ୍ତିକରଣ ସୁନିଶ୍ଚିତ କରିବାର ପ୍ରମୁଖ ଉପାୟ । ଏହି ଅବସରରେ ଭାରତୀୟ ରେଳବାଇର ଖୋର୍ଦ୍ଧା ରୋଡ୍ ବିଭାଗର ପ୍ରଥମ ମହିଳା ଲୋକୋ ପାଇଲଟ୍ ଶ୍ରୀମତୀ ସୌମ୍ୟସ୍ନାତା ପାରହୀ ଙ୍କୁ ପାରମ୍ପରିକ ଭାବେ ପୁରୁଷ ପ୍ରାଧାନ୍ୟ ଥିବା କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା । ସେ ନିଜ ଉଦବୋଧନରେ ତାଙ୍କ ପ୍ରେରଣାଦାୟକ ଜୀବନଯାତ୍ରାକୁ ଉପସ୍ଥାପନ କରି ଛାତ୍ରୀମାନଙ୍କୁ ଧୈର୍ଯ୍ୟ, ସାହସ ଓ ନିଷ୍ଠା ସହିତ ସମସ୍ତ ବାଧାକୁ ଅତିକ୍ରମ କରିବାକୁ ଆହ୍ୱାନ କରିଥିଲେ । ସଭାପତିୟ ଉଦବୋଧନରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱ ଉଲ୍ଲେଖ କରି କହିଥିଲେ ଯେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ନାରୀମାନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ । ସେ ଆହୁରି କହିଥିଲେ ଯେ ବିଶ୍ୱବିଦ୍ୟାଳୟମାନେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ, ନାରୀ ନେତୃତ୍ୱର ବିକାଶ ଓ ସେମାନଙ୍କ ସମଗ୍ର ଉନ୍ନତି ପାଇଁ ସୁଯୋଗ ସୃଷ୍ଟିରେ ମୁଖ୍ୟ ଭୂମିକା ନେବା ଆବଶ୍ୟକ । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ନାରୀ ସଶକ୍ତିକରଣ ଓ ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଏକ ପ୍ୟାନେଲ ଆଲୋଚନା ମଧ୍ୟ ଆୟୋଜିତ ହୋଇଥିଲା । ଏହି ଆଲୋଚନାରେ - ନୀଳଗିରିର ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଡି.ଆର.ଡି.ଓ ଚାନ୍ଦିପୁରର ବୈଜ୍ଞାନିକ-ଜି ଡ଼କ୍ଟର ଶ୍ରାବଣୀ ଘୋଷ, କେ.ସି. ପିପିଲି ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ମାନସୀ ସାହୁ, ବି

ନବ କୁମାର ପାତ୍ରଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ

ଜଳେଶ୍ୱର (ନି ପ୍ର): ବୁଧବାର ପୂର୍ବାହ୍ନ ସକାଳ ୧୦ ଘଟିକା ସମୟରେ ଜଳେଶ୍ୱର ମିଲବାଡି ସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ କକ୍ଷ ପରିସରରେ ସଭାପତି ଖଗେନ୍ଦ୍ରନାଥ ସାହୁ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇଥିଲା । ଦୁଇ ଜଣ ଶିକ୍ଷକ ସ୍ୱର୍ଗତ ସୁଶୀଲ ଚନ୍ଦ୍ର ପୁଷ୍ଟି, ସ୍ୱର୍ଗତ ରାମକୃଷ୍ଣ ସାହୁ, ସ୍ୱର୍ଗତ ନବ କୁମାର ମହାନ୍ତି, ସ୍ୱର୍ଗତ ନବ କୁମାର ପାତ୍ରଙ୍କ ନିକଟରେ ପରଲୋକ ଗମନ କରିଥିଲେ । ସେହି ଦିବଂଗତଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏବଂ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶାଳିକୋଠା ଗ୍ରାମ ର ଗ୍ରାମ୍ୟ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡା ସ୍ୱର୍ଗତ ରାମକୃଷ୍ଣ ସାହୁ, ବାଘମାରି ସ୍କୁଲ ରେ ତାଙ୍କ ସହିତ କାର୍ଯ୍ୟ କରିଥିଲେ ଏବଂ କହିଥିଲେ ରାମକୃଷ୍ଣ ସାର ଜଣେ, ସରଳ, ନିଷ୍କପଟ ଓ ଆଧାତ୍ମିକ ଚେତନାର ମଣିଷ ଥଲେ । ଅନୁଷ୍ଠାନର ସମ୍ପାଦକ କପିଳେଶ୍ୱର ମହାନ୍ତି ସଭାର ସମ୍ପର୍କରେ ବିବରଣୀ ପାଠ ଓ ସ୍ମୃତି ଚାରଣ ସଭା କରିଥିଲେ । ସଂଗଠନ ସଦସ୍ୟ ଡଃ ଅଜିତ କୁମାର ମହାନ୍ତି ସ୍ମୃତି ଚାରଣ ସହିତ ପ୍ରସ୍ତାବ ରଖିଥିଲେ ମାସିକ ବୈଠକ ରେ ମାସରେ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ପ୍ରସ୍ତାବ ରଖିଥିଲେ । ବନମାଳୀ ଧଳ, ଶଶୀ କାନ୍ତ ପ୍ରଧାନ, ଉମେଶ ଚନ୍ଦ୍ର ମହାନ୍ତି, ମଦନ ମୋହନ ମହାନ୍ତି, ଯୋଗେଶ ଚନ୍ଦ୍ର ରାଉଳ, ସତ୍ୟ ରଞ୍ଜନ ଦାସ, ରବିନ୍ଦ୍ରନାଥ ଦାସ, ଶ୍ରୀମନ୍ତ ଘୋଷ, ବିଶ୍ୱନାଥ ଘୋଷ ମହେଶ୍ୱର ଦାସ, ମଦନମୋହନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ଗୁଣାଧର ଭୂୟାଁ, ଦେବେନ୍ଦ୍ର ପାଳ, ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଶୈଳବାଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ କର୍ମଶାଳା

କଟକ(ନିପ୍ର): ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକର ସ୍ନାତକତୋର ଶିକ୍ଷା ବିଭାଗ ପକ୍ଷରୁ ଏମ୍.ଏସ୍. ଅଡିଟୋରିୟମରେ ଏନ ଇ ପି - ୨୦୨୦: 'ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନ" ବିଷୟରେ ଏକ ଜାତୀୟ ସୋପାନ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ଏହାକୁ ଉଦ୍ ?ଘାଟନ କରିଥିବା ବେଳେ ନୂତନ ଶିକ୍ଷା ନୀତିଏନ ଇ ପି - ୨୦୨୦ ଦେଶର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସାମଗ୍ରିକ ଓ ପ୍ରଗତିଶୀଳ କରିବାରେ ମହତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ । ଏହି ସୋପାନରେ ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଲାସପୁରର ଶିକ୍ଷା ବିଭାଗର ପ୍ରଫେସର ଓ ମୁଖ୍ୟ ଡ଼ଃ ସମ୍ବିତ କୁମାର ପାଢି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗାନ୍ଧୀ ନ୍ୟାସନାଲ ଟ୍ରାଇବାଲ ବିଶ୍ୱବିଦ୍ୟାଳୟ, ଅମରକଂଟକର ଶିକ୍ଷା ଅନୁଷ୍ଠାନର ଡିନ୍ ଡ଼ଃ ଜ୍ଞାନେନ୍ଦ୍ର କୁମାର ରାଉତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏନ ଇ ପି -୨୦୨୦ ର ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନର ଭୂମିକା ଉପରେ ଆଲୋକ ପାତ କରିଥିଲେ । ଏହି ଅବସରରେ ରାଜଧାନୀ କଲେଜ, ଭୁବନେଶ୍ୱରର ପୂର୍ବତନ ଅଧ୍ୟକ୍ଷ ଡ଼ଃ ଅରୁଣ କୁମାର ସାମଲ ଓ ରାଜଧାନୀ କଲେଜର ଅଧ୍ୟକ୍ଷ ଓ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଡ଼ଃ ସରୋଜ କାନ୍ତ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ଶ୍ଳୋକ ପାଠ ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ ହୋଇଥିଲା । ପିଜି ଶିକ୍ଷା ବିଭାଗର ମୁଖ୍ୟ ଓ ସମ୍ମିଳନୀର ଆୟୋଜକ ଡ଼ଃ ସଂଘମିତ୍ରା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗର ଅଧ୍ୟାପିକା ଆସିଫା ଆଫରୋଜ୍ ସମ୍ମିଳନୀର ବିଷୟବସ୍ତୁ ଉପସ୍ଥାପନ କରିଥିଲେ । ଏହି ସମ୍ମିଳନୀରେ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରି ଶିକ୍ଷା ମାଧ୍ୟମରେ ସାମାଜିକ ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ । ପ୍ରାଚୀ ପ୍ରଜ୍ଞା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ନୀଳଗିରି ମହିଳା ମହାବିଦ୍ୟାଳୟରେ ଭାଷା ଶାସ୍ତ୍ରୀୟ ଦିବସ ପାଳିତ

ନୀଳଗିରି(ନିପ୍ର): ଓଡିଆ ଭାଷା ଦୀର୍ଘ ୨୩୦୦ ବର୍ଷର ପୁରୁଣା ଭାଷା । ଶିଳାଲେଖ, ଅଭିଲେଖ, ତାଳପତ୍ରପୋଥି ଓଡିଆ ଭାଷାର ପ୍ରମାଣ ବହନକରେ ବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିବସ ଅବସରରେ ଅତିଥିଗଣ ମତପ୍ରକାଶ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗୃହବିଜ୍ଞାନର ବରିଷ୍ଠ ଅଧ୍ୟାପିକା ମମତା ବରାଳ, ଇଂରାଜୀ ବିଭାଗର ଅଧ୍ୟାପିକା ମଣିମାଳା ବିଶ୍ୱାଳ, +୨ ଓଡିଆ ବିଭାଗର ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର, ରାଜନୀତି ବିଭାଗର ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଓଡିଆ ବିଭାଗର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ପରିଚୟ ଓ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ବିଭାଗର ଛାତ୍ରୀ ସୁଶ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ଜ୍ଞାପନ କରିଥିଲେ । ଏହି ଅବସରରେ ଓଡିଆ ବିଭାଗର ସମସ୍ତ ଛାତ୍ରୀ ଯୋଗଦାନ କରିଥିଲେ ।

ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅରୁଣିମା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ପଂଚାୟତର ବାସୁଦେବପୁର ମିନି ଷ୍ଟାଡିୟମରେ ବୁଧବାର ପୂର୍ବାହ୍ନରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅରୁଣିମା ୨୦୨୬ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ସୁବର୍ଣ୍ଣରେଖା ପୋର୍ଟ ସହ ମିଳିତିଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁରୁବାର ଉଦଯାପିତ ହେବ ବୋଲି ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ସୂଚନା ମିଳିଛି । ଉକ୍ତ କାର୍ଯ୍ୟକ୍ରମରେ ଆଖପାଖ ଗାଁର ଚାରିଶହରୁ ଉର୍ଦ୍ଧ୍ୱ ଚାଷୀ, ମହିଳା, ଯୁବକ ଯୁବତୀ ତଥା ଆଂଚଳିକ ସଂଗଠନର କର୍ମକର୍ତାମାନେ ଯୋଗ ଦେଇଥିଲେ । ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ସ୍ଥାନୀୟ ଲୋକମାନଙ୍କୁ ଜଳବାୟୁ ପରିବର୍ତ୍ତନର ନକରାତ୍ମକ ପ୍ରଭାବ ସମ୍ପର୍କରେ ବୁଝାଇବା ସହିତ ଏହାର ମୁକାବିଲା ପାଇଁ କିପରି ଭାବେ ଅନୁକୂଳ ଜୀବନଶୈଳୀକୁ ଆପଣାଇବା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଆରଏମଏଏସ ବାଲେଶ୍ୱର ଡେପୁଟି ସିଇଓ ଶାନ୍ତନୁ ବାନାର୍ଜୀ, ବାଲିଆପାଳ ବ୍ଲକ କୃଷି ଅଧିକାରୀଣୀ ରଞ୍ଜିତା ପାତ୍ର, ବାଲେଶ୍ୱର-ଭଦ୍ରକ ଦୁଗ୍ଧ ସଂଘ ମହାପ୍ରବନ୍ଧକ ରଶ୍ମି ରେଖା ବିନ୍ଧାଣି, ବସ୍ତା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଲଲାଟେନ୍ଦୁ ଦାସ, ଅବସରପ୍ରାପ୍ତ ପ୍ରଫେସର ଓୟୁଏଟି ଭୁବନେଶ୍ୱର ଅଦୈତ୍ୟ ପାତ୍ର, ପ୍ରଫେସର ଫଳ ବିଜ୍ଞାନ ଏବଂ ଉଦ୍ୟାନ କୃଷି ପ୍ରଯୁକ୍ତିବିଦ୍ୟା ବିଭାଗ ଓୟୁଏଟି ସୁଭାଷ ଚନ୍ଦ୍ର ସ୍ୱାଇଁ, ଏସପିପିଏଲ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶୈଳେଶ ବର୍ମା, ଏସ୍ ପିପିଏଲ୍ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଣୀ ରାଇମତ ଟୁଡୁ, ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଅଭିନବ କୃଷି ପଦ୍ଧତି, ସରକାରୀ ଯୋଜନା ଏବଂ ଦୀର୍ଘସ୍ଥାୟୀ ଚାଷ ପ୍ରଣାଳୀ ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରାଇବା ସହିତ ବିବିଧ ଏବଂ ସମନ୍ୱିତ କୃଷି ପ୍ରଣାଳି ମାଧ୍ୟମରେ ଧାନ, ବାଜରା, ଡାଲି, ମତ୍ସ୍ୟ ଏବଂ ଦୁଗ୍ଧ ଚାଷ କରି ଚାଷୀମାନେ କିପରି ଭାବେ ସେମାନଙ୍କ ଆୟକୁ ବୃଦ୍ଧି କରିପାରିବେ ସେସମ୍ପର୍କରେ ବିଶେଷଜ୍ଞମାନେ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ । ପରେ ବିଭିନ୍ନ ସଫଳ ଗୃହ ଉଦୋଗୀ ଓ ସଫଳ ଚାଷୀଙ୍କୁ ସାର୍ଟିଫିକେଟ ସହିତ ସମ୍ବର୍ଦ୍ଧିତ କରଯାଇଥିଲା । ଅରୁଣିମା ଏକ ଉତମ ମଂଚ ଭାବରେ ବାଲିଆପାଳ ଅଂଚଳରେ ତିନିବର୍ଷ ଧରି କାର୍ଯ୍ୟ କରିଆସୁଛି ଯାହା ଦ୍ୱାରା ସ୍ଥାନୀୟ ଲୋକ, ବିଶେଷଜ୍ଞ ଏବଂ ସଂଗଠନ ଗୁଡ଼ିକ ନିଜ ଅଭିଜ୍ଞତା ବାଂଟିବା ସହ ଜଳବାୟୁ ସହନଶୀଳ ଜୀବିକା ଅଭ୍ୟାସକୁ ପ୍ରୋତ୍ସାହିତ କରି କୃଷକ ଏବଂ ମହିଳାମାନଙ୍କୁ ଆର୍ଥିକ ଉନ୍ନତର ସହାୟକ ହୋଇ ପାରୁଛି ବୋଲି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ ଶ୍ରୀ ପାତ୍ର କହିଥିଲେ ।

ପୁରୀରେ ନଗର ଉନ୍ନୟନ ପ୍ରମୁଖ ସଚିବଙ୍କ ସମୀକ୍ଷା

ପୁରୀ(ନିପ୍ର): ଆଗାମୀ ରଥଯାତ୍ରା ସମୟରେ ପୁରୀ କୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ନଗର ଉନ୍ନୟନ ବିଭାଗ ସର୍ବଦା ସତର୍କ ରହିଛି । ଏହା ଏକ ସାମୁହିକ ଦାୟିତ୍ୱ । ମହାପ୍ରଭୁଙ୍କ ପ୍ରତି ଏହି ସ୍ୱଚ୍ଛତା ହିଁ ଏକ ବଡ ସେବା ବୋଲି ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ ଓ ନଗର ଉନ୍ନୟନ ବିଭାଗ ଉଷା ପାଢୀ ।ଆଜି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଆଗାମୀ ରଥଯାତ୍ରା ପାଇଁ ନଗର ଉନ୍ନୟନ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଶ୍ରୀମତୀ ପାଢ଼ୀ ସହରର ବିଭିନ୍ନ ଗଳି ରାସ୍ତା, ବଡଦାଣ୍ଡ, ବେଳାଭୂମିକୁ ସ୍ୱଚ୍ଛ ରଖିବା ସହ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତି ଓ ଅତ୍ୟାଧୁନିକ ପ୍ରକ୍ରିୟାରେ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ । ରଥଯାତ୍ରା ସମୟରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟ ସଫେଇ ପାଇଁ ଆଗେଇ ଆସିଥାନ୍ତି । ସେମାନେ ପୌରାଂଚଳ ସହ ଯୋଗାଯୋଗ କରି ଅନୁମତି ନେବେ । ସେମାନଙ୍କ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ ସହ ସୁପରଭିଜନ କରିବା, କାର୍ଯ୍ୟ ର ସମୀକ୍ଷା କରିବା, ସଚେତନ କରାଇବା ପାଇଁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ । ରଥ ଯାତ୍ରା, ବାହୁଡା ଯାତ୍ରା ଦିନ ବଡଦାଣ୍ଡ କୁ ପବିତ୍ର ରଖିବା ପାଇଁ ବଡଦାଣ୍ଡରେ ରନ୍ଧା ଖାଦ୍ୟ ନ ବାଂଟିବା ବ୍ୟବସ୍ଥା କରାଯିବ । ଖାଦ୍ୟ ବାଂଟିବା ଅନୁଷ୍ଠାନ ଗୁଡିକ ପାଇଁ ବଡଦାଣ୍ଡ କୁ ସଂଯୋଗ କରୁଥିବା ଗଳି ରାସ୍ତା ରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ସହରରେ ସ୍ୱଚ୍ଛତା ର ସ୍ଥିତି, ବିଭିନ୍ନ ଆବଶ୍ୟକତା, ରଥଯାତ୍ରା ସମୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଚଳିତ ବର୍ଷ ରଥଯାତ୍ରା ରେ ପୌରାଂଚଳ ପକ୍ଷରୁ ଏକ ହଜାର ରୁ ଉର୍ଦ୍ଧ୍ୱ ଶୌଚାଳୟ ର ବ୍ୟବସ୍ଥା କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସୂଚନା ଦେଇଥିଲେ । ଏହି ଶୌଚାଳୟ ଗୁଡିକ ପୁରୁଷ, ମହିଳା ଅଲଗା ବ୍ୟବସ୍ଥା, ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ଓ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସହରର ଡ୍ରେନ ଗୁଡିକ ନିୟମିତ ସଫା କରିବା, ଖୋଲା ଡ୍ରେନ ରେ ସ୍ଲାବ ପରାଇବା, ପଟ ହୋଲ ଗୁଡିକ ମରାମତି କରିବା, ମଶା ମରା ବ୍ୟବସ୍ଥା ପାଇଁ ମଶା ମରା ତେଲ ପକାଇବା, ମଶା ଧୂଆଁ ବ୍ୟବସ୍ଥା, ବୁଶ କଟିଂ କରାଇବା, ବର୍ଷା ହେଲେ ତୁରନ୍ତ ବଡଦାଣ୍ଡରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା, ଆଲୋକୀକରଣ ବ୍ୟବସ୍ଥା କରିବା, ପାର୍କିଂ ବ୍ୟବସ୍ଥା, ପରିବହନ ବ୍ୟବସ୍ଥା ସମ୍ପର୍କରେ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେବା ସହ ସମସ୍ତ ବିଭାଗ ସମନ୍ୱୟ ରେ ଏକ ପ୍ଲାନ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଗର ଉନ୍ନୟନ ବିଭାଗ ର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

6001/33/2526

ଉପ ମତ୍ସ୍ୟ ନିର୍ଦ୍ଦେଶକ (ବାଲେଶ୍ୱର ଉପଖଣ୍ଡ) ବାଲେଶ୍ୱର ଙ୍କ କାର୍ଯ୍ୟାଳୟ

OFFICE OF THE DEPUTY DIRECTOR OF FISHERIES (BALASORE ZONE) BALASORE
Email ID- ddfbalasorezone@gmail.com Tel/Fax- 06782-262141

Quotation / Tender Call Notice for Hiring of Vehicle on Monthly Basis.

No. 118 / Dt. 10.03.2026 //

The application form of Quotation / Tender containing general bid information and terms and conditions for hiring of vehicle will be available in the office of the Dy Director of Fisheries(BZ), Balasore from 11.03.2026 to 24.03.2026 up to 05 P.M. The same will opened on 30.03.2026 at 4 P.M in presence of Quotationers / Tenderers or their representatives.

The authority reserves every right to cancel all/party/any of the tenderers without assigning any reason.

OIPR. 6001/6087/1/25-26/0001

Sd/-
Deputy Director of Fisharies
Balasore

ଖଡିଆଳ ଏନ ଏ ସି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ଏନ୍ ଏ ସି ରେ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଠାରୁ ଆରମ୍ଭ କରି ୧୪ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଅଛି । ଆଜି ଖଡିଆଳ ଏନ ଏ ସି ଦ୍ୱାରା ପର୍ଯ୍ୟାୟ କ୍ରମେ ପ୍ରତେକ ୱାର୍ଡ ରେ ସ୍ୱଚ୍ଛତା ସଚେତନତା ସହିତ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ଓ ପଲିଥିନ ମୁକ୍ତ ପାଇଁ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ୱାର୍ଡ ନଂ ୨ ଓ ୩ ଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଖଡିଆଳ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ୨ ନଂ ୱାର୍ଡ ସଦସ୍ୟ ରେବତୀ ଶବର, ୩ ନଂ ୱାର୍ଡ ମେମ୍ବର ପ୍ରତିନିଧି ରିତେଶ ପଟ୍ଟନାୟକ, ସାନିଟେସନ ଅଧିକାରୀ ଇଜାର ତାଣ୍ଡି, ସରୋଜ ପଣ୍ଡା, ସମାଜସେବୀ ମହେନ୍ଦ୍ର ଯୋଷି ସ୍ୱଚ୍ଛ ସୁପରଭାଇଜର ମମତା ମଞ୍ଜରୀ ଥପା ସ୍ୱଚ୍ଛ ସାଥି ପରି ଟଣ୍ଡନ, ରଶ୍ମିତା ଭିତିରିଆ, ଲତିକା ଦଣ୍ଡ ସେନା ଙ୍କ ସହିତ ମହିଳା ଓ ପୁରୁଷ ସ୍ୱଚ୍ଛ କର୍ମି ମଧ୍ୟ ଉପସ୍ଥିତ ରହିଥିଲେ ।

AFFIDAVIT

By virtue of an affidavit sworn before Executive Magistrate, Baripada, dated 09.03.2026, I, Kuili Hembram, aged about 34 years, W/o- Kartika Hembram of Vill- Dhansola, Khanua, Po- Khanua, Ps- Badasahi, Dist- Mayurbhanj declared that I have changed my name son's name from Avijeet Hembram to Tarun Kumar Hembram. Henceforth, he shall be known as Tarun Kumar Hembram for all purposes.

Sd/-
Kuili Hembram

13001/575/2526

OFFICE OF THE MUNICIPAL COUNCIL, BALASORE
BALASORE, (ODISHA), PIN- 756003
Tel. No. 06782-251267(O), FAX No. 06782-251222

ପରିପତ୍ର ସଂଖ୍ୟା ୧୪୧୦ **ତା. ୧୦.୦୩.୨୦୨୬ରିଖ**

ବାଲେଶ୍ୱର ପୌରପରିଷଦ,ବାଲେଶ୍ୱର

Corrigendum Auction Call Notice (ସଂଶୋଧାର ପତ୍ର) Connected to previous ACN No.727/Dt.06.02.2026 & 1189/25.02.2026 (ଉକ୍ତ ସଂଶୋଧାନ ପତ୍ର ଟି ପୂର୍ବବର୍ତ୍ତୀ ଜିଲାମ ପତ୍ର ସଂଖ୍ୟା 727/Dt.06.02.2026 & 1189/25.02.2026 ସହିତ ସମ୍ପର୍କିତ ଅଟେ ।

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉପଗୁଡ଼ିକ ପାର୍ଶ୍ୱରେ ବର୍ଣ୍ଣାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଇଚ୍ଛିତ ସର୍ତ୍ତାବଳୀ ଅନୁସାରେ ଜିଲାମ ଦିଆଯିବ। ଦିଆଯାଇ ଅନୁଯାୟୀ ଆବେଦନ ସମୟ ସୀମା ତା :୧୧.୦୨.୨୦୨୬ ରିଖରୁ ତା: ୧୨.୦୩.୨୦୨୬ ରିଖ ମଧ୍ୟରେ ଯାହାକି ଅପରାହ୍ନ ୦୩:୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇ ଥିଲା, ତାହା ବର୍ଦ୍ଧିତ କରାଯାଇ ତା: ୨୩.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନ୍ୟସ୍ତ କରାଗଲା । ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସ

ଧନମସ୍ତାତି ବାଣିଜ୍ୟଂ କିଂଚିଦସ୍ତାତି କର୍ଷଣମ୍ ।
ସେବା ନ କିଂଚିଦସ୍ତାତି ଭିକ୍ଷା ନୈବ ଚ ନୈବ ଚ ।
ଧନ ଥିଲେ ବାଣିଜ୍ୟ କର, ଅଳ୍ପ ଧନ ଥିଲେ ଚାଷ କର ଏବଂ କିଛି ଯଦି ନାହିଁ ତେବେ ଚାକିରି କର, ମାତ୍ର କସ୍ମିନ୍ କାଳେ ଭିକ୍ଷା କର ନାହିଁ ।

ଆଜିକାଲି

ଯେ ହି ସଂସ୍ପର୍ଶଜା ଭୋଗା, ଦୁଃଖଯୋନୟ ଏବ ତେ
ଆଦ୍ୟନ୍ତବନ୍ତଃ କୌନ୍ତେୟ, ନ ତେଷୁ ରମତେ ବୁଧଃ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ରୂପରସରେ ଜ୍ଞାନ ଆସକ୍ତ ହୁଏ ନାହିଁ । ଯେଉଁ ମାନେ ହୁଅନ୍ତି, ସେ ଅଜ୍ଞାନ ମୋହରେ ପଡ଼ି ରହନ୍ତି ।

ନାମ ପରିବର୍ତ୍ତନ

ସ୍ୱତନ୍ତ୍ର କେରଳ ପ୍ରଦେଶ ଗଠନର ସାତଦଶନ୍ଧି ପରେ ଏବେ ଏହାର ନାମ ପରିବର୍ତ୍ତନ କରି କେରଳମ୍ ରଖିବା ପାଇଁ ରାଜ୍ୟ ସରକାର କହିଥିବା ସୁପାରିଶକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି । କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପରେ କେରଳ କେରଳମ୍ ରାଜ୍ୟ ନାମରେ ନାମିତ ହେବ । କେରଳର ସ୍ଥାନୀୟ ଭାଷା ହେଉଛି ମାଲାୟଲମ୍ । ଭାଷାର ଛାନ୍ଦ ଅନୁଯାୟୀ କେରଳ ନାମରେ କେବଳ ଏମ୍ ସଂଯୋଗ ହେବ । ଉଲ୍ଲେଖଯୋଗ୍ୟ ଯେ ବ୍ରିଟିଶ ଶାସନ ଅମଳରେ କେରଳ ନାମ ଇଂରେଜମାନେ ରଖିଥିଲେ । ଇତିହାସ କହେ କେରଳ ହେଉଛି କେରମ୍ ଗଛର ଭୂମି । ମାଲାୟଲମ୍ ଭାଷାରେ କେରମ୍‌ର ଅର୍ଥ ହେଉଛି ନଡିଆ । ଅର୍ଥାତ କେରଳ ହେଉଛି ନଡିଆ ଗଛର ରାଜ୍ୟ । ନଡିଆ ଗଛ ହେଉଛି କେରଳର ପରିଚୟ । ଏବେ ମଧ୍ୟ କେରଳର ବୃକ୍ଷରାଜିରେ ନଡିଆ ଗଛର ପ୍ରାବଲ୍ୟତା ରହିଛି ଏବଂ ଏହା ରାଜ୍ୟର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ ବିଶେଷ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ରାଜ୍ୟ ଓ ସହରର ନାମ ପରିବର୍ତ୍ତନ ନୂଆ ନୁହେଁ । ବ୍ରିଟିଶ, ମୋଗଲ ଶାସକ ସମୟରେ ନାମିତ ବହୁ ରାଜ୍ୟ ଓ ସହର ନାମ ଐତିହାସିକ, ସାଂସ୍କୃତିକ ଦୃଷ୍ଟି କୋଣରୁ ଦେଶ ସ୍ୱାଧୀନ ହେବା ପରେ ପରିବର୍ତ୍ତନ ହୋଇଛି । ଏବେ ମଧ୍ୟ ଏହି ନାମ ପରିବର୍ତ୍ତନ ପ୍ରକ୍ରୀୟା ଜାରି ରହିଛି । ୧୯୫୦ରୁ ୧୯୭୦ ମଧ୍ୟରେ ମାଡ୍ରାସ ରାଜ୍ୟର ନାମ ଆଂଚଳିକ ଭାଷା ସାଂସ୍କୃତିକ ଐତିହ୍ୟ ଅନୁଯାୟୀ 'ତାମିଲନାଡୁ' ମହୀଶୂରର ନାମ 'କର୍ଣ୍ଣାଟକ', ବମ୍ବେର ନାମ ମହାରାଷ୍ଟ୍ର, ବମ୍ବେ ସହରର ନାମ ମୁମ୍ବାଇ, କଲିକତା ସହରର ନାମ କୋଲକତା, ମାଡ୍ରାସର ନାମ ଚେନ୍ନାଇ, ବାଙ୍ଗାଲୋର ସହରର ନାମ ବେଙ୍ଗାଲୁର ନାମକୁ ପରିବର୍ତ୍ତନ କରାଯାଇଛି । ଆଂଚଳିକ ଭାଷା ଓ ଐତିହ୍ୟ ଅନୁସାରେ ଏହି ରାଜ୍ୟ ଓ ସହରଗୁଡିକର ନାମ ପରିବର୍ତ୍ତନ କରାଯାଇଥିବା ଜଣାଯାଏ । ଦିଲ୍ଲୀର ନାମ ଇନ୍ଦ୍ରପସ୍ଥକୁ ବଦଳାଇବା ପାଇଁ ଦାବି ଉଠିଲାଣି । ଉଲ୍ଲେଖଯୋଗ୍ୟ ଯେ, ଦେଶ ସ୍ୱାଧୀନ ହେବା ପରେ ୧୯୫୬ ମସିହାରେ ସ୍ୱତନ୍ତ୍ର କେରଳ ରାଜ୍ୟ ଗଠନ ହୋଇଥିଲା । ମାଡ୍ରାସ ପ୍ରେସିଡେନ୍ସିରୁ ଟ୍ରାଭଙ୍କୋର, କୋଚି, ମାଲାବର ଆଦି ସ୍ୱାଧୀନ ରାଜ୍ୟ (ପ୍ରିନସ୍ ଷ୍ଟେଟ) ପୃଥକ ହେବା ପରେ ଏହି ସବୁ ଭୂଖଣ୍ଡକୁ ନେଇ ସ୍ୱତନ୍ତ୍ର କେରଳ ରାଜ୍ୟ ଗଠିତ ହୋଇଥିଲା । ପରବର୍ତ୍ତୀ କାଳରେ ମାଡ୍ରାସ ପ୍ରେସିଡେନ୍ସିରୁ ମାଡ୍ରାସ ରାଜ୍ୟ ଏବଂ ପରେ ତାମିଲନାଡୁରେ ନାମକୁ ପରିବର୍ତ୍ତିତ ହୋଇଥିଲା । କେବଳ କେରଳର ନାମକୁ ନୁହେଁ, ରାଜ୍ୟର ହାଇକୋର୍ଟ, ଗୋଟିଏ ବିଶ୍ୱବିଦ୍ୟାଳୟ, ବହୁ ସରକାରୀ ବିଭାଗ ଏବଂ ଏପରିକି ରଣଜୀ ଟିମର ନାମ ପରିବର୍ତ୍ତନ ହେବାକୁ ଯାଉଛି । କେରଳ ପରି ଏକ ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ଥିବା ରାଜ୍ୟରେ କେରଳ ନାମରେ କେବଳ 'ଏମ' ବା 'ମ' ଯୋଗ କରିବାରେ ବିଶେଷ କିଛି ବ୍ୟୟ ଭାର ପଡିବ ନାହିଁ । କହିବା ଯଥାର୍ଥ ହେବ ଯେ, ସାଂସ୍କୃତିକ ଚେତନାର ଜାଗରଣ, ଜାତୀୟ ସ୍ୱାଭିମାନ, ଐତିହାସିକ ଭ୍ରାନ୍ତିର ସଂଶୋଧନ ଯୋଗୁଁ ସ୍ଥାନାନ୍ତର ଅବା ରାଜ୍ୟର ନାମ ପରିବର୍ତ୍ତନ ବିଶେଷ ଭୂମିକା ନେଇଛି । ବିଶେଷ କରି କେନ୍ଦ୍ରରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଦେଶର ବହୁ ଐତିହାସିକ ଓ ଧାର୍ମିକ ସହର ଏବଂ ରେଳଷ୍ଟେସନର ନାମ ପରିବର୍ତ୍ତନ ହୋଇଛି । ବହୁ ରାଜ୍ୟରେ କେତେକ ସହରର ନାମ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ପ୍ରସ୍ତାବ କରିଛନ୍ତି । ପଶ୍ଚିମବଙ୍ଗର ନାମ ବଦଳାଇ ବେଙ୍ଗଲ ବା ବଙ୍ଗଲା କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି । ଆହୁରି ମଧ୍ୟ ଆମ ରାଜ୍ୟର ନାମ ପୂର୍ବରୁ ଇଂରାଜୀ ବନାନ ଅନୁଯାୟୀ ଓରିଶା ଥିଲା । ସମ୍ବିଧାନ ସଂଶୋଧନ ପୂର୍ବକ ନାମ ଓଡିଶା ହୋଇଛି । ଅର୍ଥାତ ଇଂରାଜି ବନାନରେ ଓଡିଶା ହୋଇଛି । ଏବେ କେତେ ଜିଲ୍ଲା ଓ ସ୍ଥାନର ନାମ ଇଂରାଜୀ ବନାନରେ ତ୍ରୁଟି ଥିବାରୁ ସେଗୁଡିକ ସଂଶୋଧନ ପାଇଁ ସରକାର ପ୍ରକ୍ରୀୟା ଆରମ୍ଭ କରିଛନ୍ତି ଯାହାକି ସ୍ୱାଗତଯୋଗ୍ୟ । ତେବେ ନାମ ପରିବର୍ତ୍ତନ ସହ ଅତୀତର ଦୃଢ ଗୌରବ ଫେରାଇ ଆଣିବା ଲାଗି ପ୍ରୟାସର ଆବଶ୍ୟକତା ରହିଛି ।

ପିତାମହ ଭୀଷ୍ମ କୁମାର କୃଷ୍ଣଚନ୍ଦ୍ର ରାୟ

◆ ଡକ୍ଟର ରାଜେଶ୍ୱରୀ ପାଇକରାୟ

କୁମାର କୃଷ୍ଣଚନ୍ଦ୍ର ରାୟ ଉତ୍କଳର ମୂର୍ତିମନ୍ତ ପ୍ରତୀକ, ତ୍ୟାଗ ଓ ସଂଘର୍ଷର ଚଳନ୍ତି ପ୍ରତିମା । ରାଷ୍ଟ୍ରୀୟ ଯୁଗ ନିର୍ମାତାର ପଥ ନିର୍ଦ୍ଦେଶକ । ବିଂଶ ଶତକର ୫୦ଦଶକରେ ନିମାପଡା ନିକଟସ୍ଥ ବରଦା ବାଗଲପୁରରେ ପିତା ହରିଶ ଦାସ ଓ ମାତା କାଦମ୍ବିନୀ ଦାସଙ୍କ କୋଳମଣ୍ଡନ କରି ଥିଲେ କୃଷ୍ଣନାମ, ସ୍ନେହର ଫେଲୁ ନାମକୁ ଆପଣେଇ । ମାତ୍ର ଦେଢବର୍ଷ ବୟସରେ ମାତାଙ୍କ ସ୍ୱର୍ଗାରୋହଣ ହେବା ଯୋଗୁଁ ମାମୁଁ କୁଂଜବିହାରୀ ରାୟ, ମାଇଁ ବସନ୍ତମରୀ ରାୟଙ୍କ ଲାଳନପାଳନରେ ଗୋପର (ବୟାଳିଶିବାଟି) ଗ୍ରାମରେ ଶିଶୁ କୃଷ୍ଣଙ୍କର ବାଲ୍ୟଜୀବନ ଆରମ୍ଭ ହୋଇ ଥିଲା । ବାପା,ମା, ଶିଶୁଟିର ଆଚାର, ବିଚାରର ପ୍ରତିଫଳନ ଦେଖି କୃଷ୍ଣ ପୂର୍ବରୁ ଯୋଡି ଦେଲେ କୁମାର -ସେ ସେଇଦିନଠୁ ହୋଇଗଲେ କୁମାର କୃଷ୍ଣଚନ୍ଦ୍ର ରାୟ ଜଣେ କର୍ମଠ ପ୍ରଚଣ୍ଡ ପ୍ରତିଭାବାନ, ତ୍ୟାଗୀ, ଆଜୀବନ ବ୍ରହ୍ମଚାରୀ, ସାଲିସବିହୀନ, କର୍ମପ୍ରବଣତା ଓ ସମ୍ବେଦନଶୀଳ ସାମାଜିକ ବ୍ୟକ୍ତିତ୍ୱ । ଅସାମାନ୍ୟ ବ୍ୟକ୍ତିଙ୍କର ଆରମ୍ଭ ହୋଇଥିଲା କଠୋର ଜୀବନର ଭିତିପ୍ରସ୍ତର ସ୍ଥାପନ । ୧୯୬୩ ମସିହାରେ ଭୁବନେଶ୍ୱର ସ୍ଥିତ ସୈନିକ ସ୍କୁଲରେ ଅଧ୍ୟୟନ କରୁଥିବା ସମୟରେ ସେବା ଓ ସଂଘର ଆଚାରବିଚାରରେ ବଙ୍କଳ କୃଷ୍ଣଙ୍କ ନିତିଗତି ସ୍ପଷ୍ଟ ବାରିହୋଇ ପଡିଥିଲା । ନାଗାଛାତ୍ର ଓ ଓଡିଆଛାତ୍ରଙ୍କ ମଧ୍ୟରେ ମତଭେଦ ସୃଷ୍ଟି । ଏଣୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳନ କରି ତାକୁ ସୈନିକ ସ୍କୁଲରୁ ବିଦାୟ ନେବାକୁ ପଡିଥିଲା । ୨ଟି ପରିବାରର ଏକମାତ୍ର କୁଳଚନ୍ଦ୍ରମାଙ୍କ ଜୀବନର ଗତିପଥ ବଦଳିଯାଇ ମେଧାବୀ ଛାତ୍ର ନିଜ ମନୋରଥକୁ ଏକାଗ୍ର ଚିତରେ ଅଗ୍ରସର କରାଉ ଥିଲେ । ଭୁବନେଶ୍ୱରସ୍ଥିତ କୃଷି ଓ ବୈଷୟିକ ବିଦ୍ୟାଳୟ ଓୟୁଏଟିରୁ ଡିଗ୍ରୀ ହାସଲ କରି ଏଲ୍ଲାବାଦ ସରକାରୀ କୃଷି ବିଜ୍ଞାନ ମହାବିଦ୍ୟାଳୟରୁ ଏମଏସ୍‌ସିରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ତପୂରେ ଉଭୟ ପରିବାରକୁ ସାଂସାରିକ ବନ୍ଧନ ଓ ସ୍ୱର୍ଣ୍ଣାଭ ବୃତିଗତ ଜୀବନର ଲାଳସାକୁ ତ୍ୟାଗ କରି ୧୯୭୮ ମସିହାରେ ମାତୃଭୂମିର ସେବାପାଇଁ ରାଷ୍ଟ୍ରବାଦର ପ୍ରଖର ସଂଗଠକ , ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ (ଆଜୀବନ ବ୍ରହ୍ମଚାରୀ) ଭାବେ ନିଜକୁ ସମର୍ପିତ କରିଦେଲେ । ତନ,ମନ, ଧନର ଅର୍ଘ୍ୟ ପ୍ରଦାନ କଲେ କୁମାର କୃଷ୍ଣଚନ୍ଦ୍ର ଭାରତମାତାଙ୍କ ଶ୍ରୀଚରଣରେ । ତା ପୂର୍ବରୁ ମୋହସୃଷ୍ଟିର ପ୍ରତିବନ୍ଧକ ନିଜ ଯୋଗ୍ୟତାର ସମସ୍ତ ପ୍ରମାଣ ପତ୍ର ଓ ସ୍ୱର୍ଣ୍ଣପଦକକୁ ଗଙ୍ଗାରେ ବିସର୍ଜନ କରି । ସମୁଦ୍ରର ଅନ୍ତଃସ୍ରୋତ ପରି ଏକ ଦୃଶ୍ୟହୀନ ପ୍ରବହମାନ ଧାରାରେ ମନ ଓ ମନ୍ତବ୍ୟରେ ସ୍ଥିର ଓ ଅବିଚଳିତ ହୋଇ ଗଲେ ଜଣେ ରାଷ୍ଟ୍ରସେବକ । ଦିପ୍ତୀମାନ ପୁରୁଷ, ଧୋତି ପାବୀ ପରିହିତ ହସ ହସ ମୁଖ ମଣ୍ଡଳ, ସୁନ୍ଦର, ସରଳ ବ୍ୟବହାର, କଣ୍ଠରେ ଉଚ୍ଚାରଣର ଦୃଢତା ଆଖିର ଚାହାଣୀରେ ବୀରତ୍ୱର ଭାବ ହିଁ ତାଙ୍କର ପରିଚୟ ସୃଷ୍ଟି କରିଥିଲା । ବାସ ତାପରେ କର୍ମଠ ଜୀବନ ଉଦୀପ୍ତମାନ ଯୁବକଙ୍କ ଇତିହାସର ଆରମ୍ଭ । ୧୯୮୩ ରୁ ୧୯୯୯ ପରେ ସଂଘର ବିଦ୍ୟାର୍ଥୀ କ୍ଷେତ୍ର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଂଗଠନ ସମ୍ପାଦକ ଭାବେ ନିଷ୍ଠା ଓ ପରାକାଷ୍ଠାର ସହ କାର୍ଯ୍ୟକରି ବିଦ୍ୟାର୍ଥୀ ପରିଷଦର ଓଡିଶାର ଧର୍ମପଦ ରୂପେ ସଂଗଠନକୁ ପୂର୍ଣ୍ଣାଙ୍ଗ ରୂପ ଦେବାପାଇଁ ଲାଗିପଡିଥିଲେ । କୋଣାର୍କର ପ୍ରଥମ ରୂପରେଖ ଛୋଟ କୋଣାର୍କର ନିର୍ମାଣ ତାଙ୍କ ଗ୍ରାମ ବୟାଳିଶି ବାଟିରେ (ଗ୍ରାମ) ଏବେ ବି ମୂକସାକ୍ଷୀ ବହନ କରି ଛିଡା ହୋଇଛି । ବିଶୁ ମହାରଣା ଭଳି ଦୃଢ ଇଚ୍ଛାଶକ୍ତିର ନିହଣ ମନର ମୁନରେ ଓଡିଶାର ଯୁବକ ମାନଙ୍କୁ ଦେଇ ଚାଲିଲେ ଦର୍ଶନ ଓ ଆଦର୍ଶର ମନ । ଏକାଧାରାରେ କୁମାର କୃଷ୍ଣଚନ୍ଦ୍ର ଥିଲେ ଜମେ ସୁ-ସଂଗଠକ ବରିଷ୍ଠ ପ୍ରଚାରକ, ଉଚ୍ଚଶିକ୍ଷିତ କୁଶଳୀ ସମ୍ପର୍କଧାରକ । ଅମାୟିକ ଓ ଅଂହକାର ଶୂନ୍ୟ, ବିଚାର ପ୍ରତି ସମର୍ପିତ ସକାରାତ୍ମକ ସେବାକାର୍ଯ୍ୟରେ ନିୟୋଜିତ ଜଣେ ବ୍ୟକ୍ତିତ୍ୱ । କୌଣସି ଆପତି କି ଅଭିଯୋଗ ନାହିଁ । ପରିବର୍ତନର ପ୍ରଥମ ଧାରାକୁ ପ୍ରବାହିତ କରାଇ ଦେଲେ ଯେ ଛାତ୍ର ସଂଗଠନର କାର୍ଯ୍ୟରତ ଛାତ୍ରନେତା, ପରବର୍ତୀ କାଳରେ ରାଜନୀତିରେ ହିଁ ସାମିଲ ହେବ । ଏମିତି ଏକ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ନିବୃତ କରାଇ ତାହା ପ୍ରମାଣିତ କରିଦେଇଥିଲେ । ଅବଶୋଷ ରହିଗଲା, ମୃତ୍ୟୁର କିଛିଦିନ ପୂର୍ବରୁ ୭୨ବର୍ଷ ବୟୟରେ ଏକ ମଂଚରେ ଅଗ୍ନିବର୍ଷକ ନଭଶ୍ଚୁମ୍ବି ସ୍ୱରରେ କହି ଥିଲେ ଭାଷଣର ପ୍ରାରମ୍ଭରେ । ମୁଁ ଜଣେ ଦୋଷୀ, ମୁଁ ହିନ୍ଦୁତ୍ୱ ପାଇଁ କଳଙ୍କ, କାରଣ ମୁଁ ଲକ୍ଷ୍ମଣାନନ୍ଦଙ୍କୁ ନ୍ୟାୟ ଦେଇ ପାରିଲିନାହିଁ । ଅସୁସ୍ଥ ଶରୀର, ନୟନ ଯୁଗଳରୁ ଝରି ଆସୁଥିବା ଆତ୍ମଗ୍ଲାନିର ଲୋତକର ଧାରା, ନିଃଶବ୍ଦ ସମୟର କଣ୍ଠ ଜର୍ଜରିତ ନିଜସ୍ୱ ଅଭିମାନ ମଂଚ□ତଳେ ଭାବବିହ୍ୱଳ, ଶିହରିତ କାର୍ଯ୍ୟକର୍ତାଙ୍କ ମନ ବୋଧହୁଏ ନିଜର ସମୟକୁ ମାପି ସାରି ଥିଲେ ସେଦିନ, ଶେଷ ଜୀବନର ଖୁବ୍ ପାଖଦିନରେ । ସେବାକାର୍ଯ୍ୟରେ ନିୟୋଜିତ ଶେଷଜୀବନ ତାଙ୍କର କଟକ ଯଶୋଦା ସଦନର ଅନାଥାଶ୍ରମ ହିଁ ଥିଲା ଶେଷ ଠିକଣା । ସଂଗଠନ ବ୍ୟକ୍ତିବାଦରେ ଚାଲେ ନାହିଁ ସ୍ଥିରୀକୃତ ନିୟମରେ ଚାଲେ । ଏହାହିଁ ଯୁବପିଢିଙ୍କ ମନରେ ସୃଷ୍ଟି କରି ନିଜେ ମଧ୍ୟ ସେହି ସ୍ଥିରୀକୃତ ନିୟମର ଅଂଶ ବିଶେଷ ହୋଇଗଲେ । ସେଥିପାଇଁ କୁମାର କୃଷ୍ଣଚନ୍ଦ୍ର ରାୟ ଓଡିଶା ପାଇଁ ଏକ ଶ୍ରଦ୍ଧା,ଭକ୍ତି ଓ ସମ୍ମାନାସ୍ପଦ ଉଚ୍ଚାରଣ । ଆସନ୍ତୁ ଆଜି ଏ ପୁଣ୍ୟ ତିଥିରେ ତାଙ୍କୁ ସମ୍ମାନ ଜଣାଇ ତାଙ୍କ ଅନୁଗାମୀ ହେବା ସମାଜ ପରିବର୍ତ୍ତନ, ରାଷ୍ଟ୍ରପାଇଁ କାର୍ଯ୍ୟ ଆହ୍ୱାନରେ ସାମିଲ ହେବା, ରାଷ୍ଟ୍ରୀୟ ଯୁଗ ନିର୍ମାଣରେ ଅଙ୍ଗୀକାରବଦ୍ଧ ହେବା ।

ଭାରତ ମାତା କୀ ଜୟ ।
ମୋ-୮୭୬୩୬୮୬୦୪୦

ଗର୍ଲ ସ୍କାଉଟ୍ ଡେ

'ଝିଅ ମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତିକା'

ପ୍ରତିବର୍ଷ ମାର୍ଚ୍ଚ ୧୨ରେ ପାଳନ କରାଯାଏ ଗର୍ଲ ସ୍କାଉଟ ଡେ । ଜୁଲିଏଟ୍ ଡେଜି ଗର୍ଡ଼ନ୍ ଲୋ ଗର୍ଲ ସ୍କାଉଟ ପ୍ରତିଷ୍ଠା କରିଥିଲେ । ୧୯୧୨ ମାର୍ଚ୍ଚ ଏହି ଦିନରେ ମାତ୍ର ଅଠର ଜଣ ବାଳିକାଙ୍କୁ ନେଇ ଜର୍ଜିଆର ସାଭାନାରେ ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ବାଳିକାଙ୍କୁ ଅଧିକ ସ୍ୱାଧୀନତା ଦେବା ସହ ଘରୁ ବାହାରି ବାଳକଙ୍କ ସହ ସମକକ୍ଷ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଥିଲା ଏହି ସଂସ୍ଥା ଗଠନର ଲକ୍ଷ୍ୟ । ମୁଖ୍ୟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ଅପରିବର୍ତିତ ରହିଛି । ଏହି ସଂସ୍ଥା ସଂପୂର୍ଣ୍ଣ ଭାବେ ମହିଳାଙ୍କ ପାଇଁ, ମହିଳାଙ୍କର ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ । ସଂପ୍ରତି ସାରା ବିଶ୍ୱରେ ଏହାର ସଦସ୍ୟା ସଂଖ୍ୟା ସତତିରିଶ ଲକ୍ଷ । ଅଦ୍ୟାବଧି ପା□ କୋଟିରୁ ଅଧିକ ବାଳିକା ଏହାର ସଦସ୍ୟା ହୋଇସାରିଲେଣି । ପୃଥିବୀର ଅନେକ ବିକାଶଶୀଳ ରାଷ୍ଟ୍ରର ଆଗୁଆ ଝିଅମାନେ ଦିନକୁ ଦିନ ଏହି ସ୍କାଉଟ୍ ସମ୍ବନ୍ଧରେ ଅଧିକ ଜାଣିବା ସହ ଏହାର ସଦସ୍ୟତା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ସେହିପରି ବର୍ତମାନ ସମୟରେ ସ୍କାଉଟ ବ୍ୟବସ୍ଥା ଏହାର ସାମଗ୍ରୀକ ସାମାଜିକ ସେବା ଓ ଦାୟିତ୍ୱବୋଧତାକୁ ବଢ଼ାଇ ସାରିଲାଣି । ଏ କ୍ଷେତ୍ରରେ ୟୁନିସେଫ୍ ଓ ବିଶ୍ୱ ସ୍ୱାସ୍ଥ୍ୟ ସେବା ସଙ୍ଗଠନ ସେମାନଙ୍କୁ ନୈତିକ ସମର୍ଥନ ଓ ସହଯୋଗ ଦେବା ପାଇଁ ଆଗେଇ ଆସୁଛନ୍ତି । ଏସବୁ ସତ୍ତ୍ୱେ ବର୍ତମାନ ବି ଝିଅ ମାନଙ୍କ ପ୍ରତି ଅତ୍ୟାଚାର, ଅସଦ୍ ବ୍ୟବହାର ଓ ନିନ୍ଦନୀୟ ଆଚରଣ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢୁଛି । ତେଣୁ ଏ ସବୁ କ୍ଷେତ୍ରରେ ଆମ ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ହେବା ସହ ଗର୍ଲ ସ୍କାଉଟ ବ୍ୟବସ୍ଥା କିପରି ସବୁଠି ପ୍ରଚଳିତ ହେବା ସହ ଏହା ଝିଅ ମାନଙ୍କୁ ସାହାସ, ସାମାଜିକ ସେବା, ନୈତିକତାର ପରିଚୟ ଓ ଦେଶ ମାତୃକାର ସେବା ପାଇଁ ସମର୍ପିତ ଭାବନା ସୃଷ୍ଟି କରିବ ଏ ସବୁ ଅନୁଚିନ୍ତାକୁ ନେଇ ଆଜିର ଦିବସର ଅନ୍ତର୍ନିହିତ ମୂଳ ତାତ୍ପର୍ଯ୍ୟକୁ ଆମେ ମାନେ ବୁଝିପାରିଲେ ଗର୍ଲ ସ୍କାଉଟ ଡେର ପ୍ରାସଙ୍ଗିକତା ଉଜ୍ଜୀବିତ ହୋଇ ରହିବ ଓ ଅନ୍ୟ ଝିଅ ମାନଙ୍କୁ ଏହା ଆଲୋକବର୍ତିକା ପରି ରାସ୍ତା ଦେଖାଇବ ନିଶ୍ଚୟ ।

ଯଶୱନ୍ତରାଓ ବଳୱନ୍ତରାଓ ଚହ୍ୱାନ : ମହାରାଷ୍ଟ୍ରର ପ୍ରଥମ ମୁଖ୍ୟମନ୍ତ୍ରୀ

◆ଡଃ.ଅରୁନ୍ଧତୀ ଦେବୀ



ମୁମ୍ବାଇ ରାଜ୍ୟ ବିଭାଜନ ହେବା ପରେ ଗଠିତ ମହାରାଷ୍ଟ୍ର ରାଜ୍ୟର ପ୍ରମୁଖ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଯଶୱନ୍ତରାଓ ବଳୱନ୍ତରାଓ ଚହ୍ୱାନ । ସେ ଭାରତର ପଂଚମ ଉପ ପ୍ରଧାନମନ୍ତ୍ରୀ ଥିଲେ । ସେ ଜଣେ ସଚ୍ଚୋଟ କଂଗ୍ରେସ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ସାମାଜିକ କର୍ମୀ ଥିଲେ । ତାଙ୍କୁ ସାଧାରଣ ଜନତାଙ୍କ ନେତା ବୋଲି କୁହାଯାଉଥିଲା । ନିଜର ଭାଷଣ ଓ ଲେଖା ମାଧ୍ୟମରେ ସେ ସର୍ବଦା ସମାଜବାଦୀ ଗଣତନ୍ତ୍ର ସପକ୍ଷରେ ଯୁକ୍ତି ବାଢୁଥିଲେ । ମହାରାଷ୍ଟ୍ରର କୃଷକଙ୍କ ଉନ୍ନତି ପାଇଁ ସମବାୟ ସମିତି ଗଠନ କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା । କୃଷକଙ୍କ ସ୍ୱାର୍ଥ ନିମିତ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ପରବର୍ତୀ ସମୟରେ ତାଙ୍କର ଭାରତୀୟ କୃଷି ଓ ଭାରତୀୟ ଅର୍ଥନୀତି ଉପରେ କିଛି ପୁସ୍ତକ ମଧ୍ୟ ପ୍ରକାଶ ପାଇଥିଲା । କୁହାଯାଏ ତାଙ୍କର କିଛି କୃଷି ସମ୍ପର୍କିତ ପୁସ୍ତକ ଭାରତର ବିଭିନ୍ନ ଭାଷାରେ ମଧ୍ୟ ଅନୁବାଦ ହୋଇ ଏହା ଗବେଷକଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ଭାବେ ଗ୍ରହଣ ହୋଇଥିଲା । ଜବାହରଲାଲ ନେହେରୁଙ୍କ ମନ୍ତ୍ରୀ ମଣ୍ଡଳରେ ସେ ଭାରତର ଅର୍ଥମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ୧୯୧୩ ମାର୍ଚ୍ଚ ୧୨ ତାରିଖରେ ମହାରାଷ୍ଟ୍ରର ସତାରା ଜିଲ୍ଲାରେ ଏହି ମହାନ ନେତାଙ୍କ ଜନ୍ମ ହୋଇଥିଲା । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ବମ୍ବେ ବିଶ୍ୱବିଦ୍ୟାଳୟରୁ ଇତିହାସ ଏବଂ ରାଜନୀତି ବିଜ୍ଞାନରେ ବିଏ ପାସ୍ କରି ଥିଲେ । କିଶୋରାବସ୍ଥାରୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ମହାତ୍ମାଗାନ୍ଧୀ ଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ଥିବାରୁ ତାଙ୍କୁ ଜୋରିମାନା ଦେବାକୁ ପଡ଼ିଥିଲା । ସତାରାରେ ଭାରତୀୟ ଜାତୀୟ ପତାକା ଉଡ଼ାଇବାରୁ ତାଙ୍କୁ ୧୮ ମାସ କାରାଦଣ୍ଡ ଭୋଗିବାକୁ ପଡ଼ି ଥିଲା । ଯଶୱନ୍ତରାଓ ସ୍ୱାଧୀନତା ସଂଗ୍ରାମ, ସମାଜସେବା ଓ ରାଜନୀତି କ୍ଷେତ୍ରରେ ଜଡ଼ିତ ରହିବା ଯୋଗୁଁ ନେହେରୁ, ସର୍ଦ୍ଦାର ପଟେଲଙ୍କ ନିକଟତର ହୋଇ ପାରିଥିଲେ । ଭାରତୀୟ ରାଜନୀତିରେ ତାଙ୍କ ପରି ଆଦର୍ଶ ଚିନ୍ତା ଓ ଦେଶକୁ ଭଲ ପାଉଥିବା ବ୍ୟକ୍ତିତ୍ୱ ଖୁବ ବିରଳ । ଆଜି ତାଙ୍କ ଜନ୍ମ ଦିନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟ ନିରୋଧ ଆନ୍ଦୋଳନ, କଟକ, : ୯୯୩୭୧୭୨୮୧୦

ଗ୍ଲୁକୋମା : ଆଖିର ନୀରବ



କନ୍ଧମାଳ ଜିଲ୍ଲାପାଳ ସଦ୍‌ଭାବନା ଗୃହରେ 'କସମ' ସାଧାରଣ ପରିଷଦ ବୈଠକ

କନ୍ଧମାଳ (ନିପ୍ର)ଫୁଲବାଣୀସ୍ଥିତ ଜିଲ୍ଲାପାଳ ଙ୍କ ସଦଭାବନା ଗୃହରେ କସମ ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବେଦ ଭୂଷଣ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ବୈଠକ ରେ ଜିଲ୍ଲାରୁ ଉତ୍ପାଦିତ ଜୈବିକ ହଳଦୀର ଗୁଣବତା ବୃଦ୍ଧି, ହଳଦୀ ରେ କୁରକୃମିନ ପରିମାଣ ଶତକଡା ୨.୫ ରୁ ଅଧିକ ବୃଦ୍ଧି ପାଇଁ ବିହନ ପରିବର୍ତନ, ଚାଷୀ ମାନଙ୍କୁ ପାଲ ଓ ହଳଦୀ ସିଝାଇବା ପାଇଁ ହଣ୍ଡା ଯୋଗାଣ, ହଳଦୀ ର ବଜାରୀକରଣ ପାଇଁ ବଡ ବଡ ସହର କୁ ସଂଯୋଗ କରିବା ଓ ଚାଷୀ ଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବୈଠକ ରେ କସମ ସମ୍ପାଦକ ସଂଜିତ କୁମାର ପଟନାୟକ ଗତ ୩ ବର୍ଷ ର କାରବାର ଓ ଲାଭ ସମ୍ପର୍କ ରେ ସୂଚନା ଦେଇଥିଲେ । ଗତ ୨୦୨୨-୨୩ ବର୍ଷରେ ମୋଟ ୬ କୋଟି ୭୬ ଲକ୍ଷ୨୯ ହଜାର ୭୦୭ ଟଙ୍କାର କାରବାର ହୋଇଥିବା ବେଳେ ୧୪ ଲକ୍ଷ ୭୩ ହଜାର ୮୭୨ ଟଙ୍କା ଲାଭ ହୋଇଛି । ୨୦୨୩-୨୪ ମସିହାରେ ୩ କୋଟି ୩୧ ଲକ୍ଷ ୯୫ ହଜାର ୩୦୯ ଟଙ୍କା ର କାରବାର ହୋଇଥିବା ବେଳେ ୧ ଲକ୍ଷ ୧୭ ହଜାର ୬୩୫ ଟଙ୍କା ଲାଭ ହୋଇଛି । ସେହିପରି ୨୪୨୫ ବର୍ଷ ରେ ମୋଟ ୪ କୋଟି ୩୯ ଲକ୍ଷ ୭୬ ହଜାର ୨୮୬ ଟଙ୍କାର କାରବାର ହୋଇଥିବା ବେଳେ ୮ ଲକ୍ଷ ୫୫ ହଜାର ୭୦୨ ଟଙ୍କା ଲାଭ ହୋଇଛି । ସେ କହିଥିଲେ ଯେ ପୂର୍ବରୁ ମାତ୍ର ୫ ଟି ବ୍ଲକ ରେ ଉର୍ନତ ହଳଦୀ ଚାଷ ହେଉଥିଲା, କିନ୍ତୁ ଗତ ୩ହେଲା ରାଜ୍ୟ ସରକାର ଙ୍କ ଦ୍ୱାରା ପରିଚାଳିତ ପରମ୍ପର ।ଗତ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେବା ପରେ ସମସ୍ତ ୧୨ ବ୍ଲକ ରେ ହଳଦୀ ଚାଷ ସମ୍ପ୍ରସାରଣ କରାଯାଇ ଅନ୍ୟୁନ ୨ ହଜାର ହେକଟର ବୃଦ୍ଧି ହେବା ସହ ଅଢେଇ ହଜାର ଚାଷୀ ଙ୍କୁ ସାମିଲ କରାଯାଇ ପାରିଛି ।ଏଣୁ ଏହାର ସୁପରିଚାଳନା ପାଇଁ ପ୍ରତ୍ୟେକ ବ୍ଲକ ରେ ଅଧିକ କର୍ମଚାରୀ ନିଯୁକ୍ତି କରାଯିବ । ପାରମ୍ପର ।ଗତ କୃଷି ବିକାଶ ଯୋଜନା ରେ ୩୯ ଟି ଶେଡ୍ ନେଟ ପ୍ରତିଷ୍ଠା ପାଇଁ ଅନୁଗୁଳ ଜିଲ୍ଲାର **M/S INDFAB PROJECT pvt. ltd** କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉକ୍ତ ସଂସ୍ଥା ମାତ୍ର୧୨ ଟି ସମ୍ପୂର୍ଣ କରି ନେଇଥିବା ୩୩ ଲକ୍ଷ ୨୨ ହଜାର ୮୦୦ ଟଙ୍କା ମଧ୍ୟରୁ ୨୩ ଲକ୍ଷ ୪ସହ ଟଙ୍କା ଫେରସ୍ତ ଦେଇ ନ ଥିବା ରୁ ଆଇନ ଗତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମସଲା ସମିତି ଗୁଡିକ ର ମାସିକ ବୈଠକ ରେ ଯୋଗ ଦେଉଥିବା ସଭାପତି ଓ ସମ୍ପାଦକ ମାନଙ୍କୁ ୨ଶହ ଟଙ୍କା ବଦଳରେ ୩ଶହ ଟଙ୍କା ଦେବାକୁ ଧାର୍ଯ୍ୟ କରାଯାଇଛି । ଜିଲ୍ଲା ରେ ଗଠନ କରାଯାଇଥିବା ଶାସ୍ତ୍ରୀ ଅର୍ଗାନିକ ଫାର୍ମାର୍ସ ପ୍ରଡୁସର କମ୍ପାନୀ ବର୍ତମାନ ପଣସ କଠା ଓ ହଳଦୀ କାରବାର କରି ୩୦ ଲକ୍ଷ ଲାଭ କରି ଥିବାରୁ ଏହି ସଂସ୍ଥା କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିଷ୍ପତି ହୋଇଛି । ବୈଠକ ରେ କୃଷି, ଉଦ୍ୟାନ, ସମବାୟ ବିଭାଗ ଅଧିକାରୀ , ଚଇ ଓଞ୍ଚ ଉଇ ଗଦା ଧର ପାତ୍ର, ଉପଜିଲ୍ଲାପାଳ, ଉଜଉଇ ଅଧିକାରୀ, ମୋନାନୀତ ସଦସ୍ୟ ସମସ୍ତ ମସଲା ସମିତି ର ସଭାପତି ଓ ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ ।

ଶିକ୍ଷା ଓ କୌଶଳ ବିଷୟରେ ପୋଷ୍ଟ ବଜେଟ୍ ୱେବିନାରରେ ଅଂଶଗ୍ରହଣ କଲା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

ଜୟପୁର : ଶିକ୍ଷା ଓ କୌଶଳ ବିଷୟରେ ପୋଷ୍ଟ ବଜେଟ୍ ୱେବିନାରରେ ଅଂଶଗ୍ରହଣ କଲା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ . ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ୯ ମାର୍ଚ୍ଚ ୨୦୨୬ ତାରିଖରେ ଆୟୋଜିତ "ସବକା ସାଥ, ସବକା ବିକାଶ – ଲୋକମାନଙ୍କ ଆକାଙ୍କ୍ଷା ପୂରଣ" ବିଷୟକ ପୋଷ୍ଟ ବଜେଟ୍ ୱେବିନାରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଅଛି । "ଶିକ୍ଷା, କୌଶଳ ଓ ବିଶ୍ୱବିଦ୍ୟାଳୟ ଟାଉନସିପ୍" ବିଷୟରେ ଆୟୋଜିତ ଏହି ୱେବିନାରରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ରେ ଘୋଷିତ ପ୍ରମୁଖ ପଦକ୍ଷେପମାନଙ୍କ କାର୍ଯ୍ୟନ୍ୱୟନ ନେଇ ବିଭିନ୍ନ ରଣନୀତି ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମଟି ଉଚ୍ଚ ଶିକ୍ଷା ବିଭାଗର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ୱେବିନାରର ଆରମ୍ଭ ଉଦଘାଟନ ଅଧିବେଶନ ସହିତ ହୋଇଥିଲା ଏବଂ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏଥିରେ ବିଶେଷ ଉଦ୍ବୋଧନ ଦେଇଥିଲେ । ତାଙ୍କ ଉଦ୍ବୋଧନରେ ସେ ଉଚ୍ଚ ଶିକ୍ଷା କ୍ଷେତ୍ରକୁ ସୁଦୃଢ କରିବା, କୌଶଳ ବିକାଶର ସୁଯୋଗ ବିସ୍ତାର କରିବା ଓ ଶିକ୍ଷାନୁଷ୍ଠାନମାନଙ୍କ ଢାଂଚାକୁ ଉନ୍ନତ କରି ସମାବେଶୀ ଜାତୀୟ ଉନ୍ନତି ସାଧନ କରିବା ଉପରେ ଜୋର ଦେଇଥିଲେ । ସେ "ସବକା ସାଥ, ସବକା ବିକାଶ" ଦୃଷ୍ଟିକୋଣ ଅନୁଯାୟୀ ଶିକ୍ଷା, ନବୀନତା ଓ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ଉଲ୍ଲେଖ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା, ଅର୍ଥ ଅଧିକାରୀ ଶ୍ରୀ ଧୁର୍ଯ୍ୟୋଧନ ସେଠୀ, ଛାତ୍ର କଲ୍ୟାଣ ଅଧିଷ୍ଠାତା ଡ଼. ରମେନ୍ଦ୍ର କୁମାର ପଢି, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସମନ୍ୱୟକ ଡ଼. ଅଞ୍ଜନେୟୁଲୁ ଥୋଟାପଲ୍ଲି ଓ ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହା ସହିତ ବିଭିନ୍ନ ବିଭାଗର ବିଭାଗମୁଖ୍ୟ, ଶିକ୍ଷକମଣ୍ଡଳୀ, ଗବେଷକ ଓ ଛାତ୍ରଛାତ୍ରୀ ମାନେ ମଧ୍ୟ ୱେବିନାରରେ ଯୋଗଦେଇଥିଲେ, ଯାହା ଜାତୀୟ ନୀତିଗତ ଆଲୋଚନାରେ ବିଶ୍ୱବିଦ୍ୟାଳୟର ସକ୍ରିୟ ସହଭାଗୀତାକୁ ପ୍ରକାଶ କରିଥିଲା । ୱେବିନାରରେ କେନ୍ଦ୍ରୀୟ ବଜେଟ୍ରେ ଘୋଷିତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସେଥିରେ ଶିକ୍ଷାରୁ ଚାକିରି ଓ ଉଦ୍ୟମ ବିକାଶ ପାଇଁ ରୂପରେଖା, ସୃଜନଶୀଳ ଶିକ୍ଷକୁ ପ୍ରୋତ୍ସାହନ, ବିଶ୍ୱବିଦ୍ୟାଳୟ ଟାଉନସିପ୍ ସ୍ଥାପନ, ଝଞ୍ଚରଗ ସଂସ୍ଥାନରେ ଛାତ୍ରୀମାନଙ୍କ ପାଇଁ ହୋଷ୍ଟେଲ ନିର୍ମାଣ ଓ ଦିବ୍ୟାଙ୍ଗଜନଙ୍କ ପାଇଁ କୌଶଳ ବିକାଶ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା । ବିଭିନ୍ନ ବ୍ରେକଆଉଟ୍ ସେସନରେ ନୀତି ନିର୍ମାତା, ଶିକ୍ଷାବିଦ୍ ଓ ବିଶେଷଜ୍ଞମାନେ କାର୍ଯ୍ୟନ୍ୱୟନ ରଣନୀତି ଓ ସହଯୋଗାତ୍ମକ ବ୍ୟବସ୍ଥା ବିଷୟରେ ମତବିନିମୟ କରିଥିଲେ । ବିଶ୍ୱବିଦ୍ୟାଳୟର ଅଂଶଗ୍ରାହୀମାନେ ଏହି ୱେବିନାରକୁ ତଥ୍ୟବହୁଳ ଓ ଉପକାରୀ ବୋଲି ମତ ପ୍ରକାଶ କରିଥିଲେ । ଏହା ମାଧ୍ୟମରେ ଉଚ୍ଚ ଶିକ୍ଷାର ଢାଂଚା ସୁଦୃଢ କରିବା, କୌଶଳ ଆଧାରିତ ଶିକ୍ଷାକୁ ପ୍ରୋତ୍ସାହନ ଓ ସମାବେଶୀ ଶିକ୍ଷା ପରିବେଶ ଗଠନ ପାଇଁ ସରକାରଙ୍କ ଦୃଷ୍ଟିକୋଣ ସମ୍ବନ୍ଧରେ ସେମାନେ ସ୍ପଷ୍ଟ ଧାରଣା ପାଇଥିଲେ । ସେହିପରି ବିଶ୍ୱବିଦ୍ୟାଳୟ ମାନେ ନବୀନତା, ଉଦ୍ୟମିତା ଓ ସମୁଦାୟ ସହଭାଗୀତାକୁ ପ୍ରୋତ୍ସାହନ ଦେଇ ଜାତୀୟ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବେ ବୋଲି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା ।

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାରକୁ ଗୁରୁତ୍ୱ

ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ : ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ସୁଦୃଢ଼ ଓ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଯୋଗ ଦେଇ , ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାର ବ୍ୟବହାରକୁ ଅଧିକ ସୁଦୃଢ଼ କରିବା , ଅଧିକାରୀ ଓ କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟରେ ଓଡ଼ିଆ ଭାଷାକୁ ସଠିକ ଭାବରେ ପ୍ରୟୋଗ କରିବା , ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେବା , ସରକାରୀ ଦଲିଲ, ନୋଟ୍ ?ଶିଟ୍ ଓ ଦୈନିକ କାର୍ଯ୍ୟରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର ଜନସାଧାରଣଙ୍କ ସହ ସରକାରୀ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଏପରି ପ୍ରଶିକ୍ଷଣ ମାଧ୍ୟମରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରଚଳନ ଆହୁରି ବୃଦ୍ଧି ପାଇବା ସହ ରାଜ୍ୟର ଭାଷା ନୀତି କାର୍ଯ୍ୟକାରୀ କରିବାରେ ଏହା ସହାୟକ ହେବ ବୋଲି ଅତିଥୁମାନେ ସୂଚନା ଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରଶିକ୍ଷ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲ । ।

ଭୀମଭୋଇ ସାମର୍ଥ୍ୟ ଶିବିରରେ ୧୮୩ ଭିନ୍ନକ୍ଷମ ପଞ୍ଜୀକୃତ

ଭୁବନ : ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ପ୍ରଶାସନ ତରଫରୁ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ ଅସ୍ଥିଶଲ୍ୟ ୬୯ ଜଣ,ଦୃଷ୍ଟି ବାଧକ ୩୫ ଜଣ, ଶ୍ରବଣ ବାଧକ ୩୧ ଜଣ ,ମାନସିକ ଅନଗ୍ରସର ୨୯ ଜଣ ଓ ଅନ୍ୟାନ୍ୟ ୧୯ ଜଣ ସମୁଦାୟ ୧୮୩ ଜଣ ଭିନ୍ନକ୍ଷମଙ୍କୁ ବିଶେଷଜ୍ଞ ଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା । ବିଡିଓ ଶ୍ରୀମତୀ ଆୟୁସୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତର ମାନେ ପଞ୍ଜୀକୃତ ୧୮୩ ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ସେମାନଙ୍କ ମଧ୍ୟରୁ ୧୧୪ ଜଣଙ୍କୁ ଉପକରଣ,ଔଷଧ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ କୁମାର ସ୍ୱାଇଁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ , ଭୁବନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଜନ କୁମାର ମିଶ୍ର,ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମିଶ୍ର ଓ ସମସ୍ତ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

ନୂଆପଡ଼ାରୁ ୭୪ ଜଣ ବରିଷ୍ଠ ତୀର୍ଥଯାତ୍ରୀଙ୍କ 'ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'ରେ ଯାତ୍ରାରମ୍ଭ

ନୂଆପଡ଼ା :(ନି.ପ୍ର) ନୂଆପଡ଼ା ଜିଲ୍ଲାରୁ ୭୪ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ୨୦୨୬ ମାଧ୍ୟମରେ ପୁରୀ ଶ୍ରୀମନ୍ଦିର ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି । ଏଥିପାଇଁ ନୂଆପଡ଼ା ଆମ ବସ୍ ଷ୍ଟାଣ୍ଡ ପରିସରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧକ୍ଷତା କରିଥିଲେ କ୍ଷସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ନୂଆପଡ଼ା ବିଧାୟକଙ୍କ ପ୍ରତିନିଧି ତଥା ତାଙ୍କ ମାଁ କଳ୍ପନା ଢୋଲକିଆ, ବିଜେପି ଜିଲ୍ଲା ସଭାପତି କମଲେଶ ଦିକ୍ଷିତ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଓ ଅତିଥି ମାନେ ପତାକା ଦେଖାଇ ତୀର୍ଥଯାତ୍ରୀ ମାନଙ୍କ ଯାତ୍ରାର ଶୁଭାରମ୍ଭ କରିଥିଲେ ଓ ସେମାନଙ୍କ ଏକ ସୁଖଦ ଯାତ୍ରା କାମନା କରିଥିଲେ । ଏହି ତୀର୍ଥଯାତ୍ରୀ ମାନେ ଦୁଇଟି ଭଲଭ୍ଭୋ ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସୁବିଧା ଯାତ୍ରାପାଇଁ ସମସ୍ତ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇ ଥିବା ବେଳେ ସେମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଥିଲେ ।

ବିଶିଷ୍ଟ ସାହିତ୍ୟିକ ଚକ୍ରପାଣି ପରିଚ୍ଛା ପାଇବେ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ'

ଜୟପୁର : ଦୀର୍ଘ ବର୍ଷର ସାଧନାରେ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରୁଥିବା ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛା ପାଇବେ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ' । ଆସନ୍ତା ମାର୍ଚ୍ଚ ୨୧ ତାରିଖ ଦିନ ଜୟପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ୫୨ତମ କବି ବଳରାମ ପୂଜାରୀ ଜୟନ୍ତୀ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ସୂଚନା ଦେଇଛନ୍ତି । ସମ୍ମାନ ସ୍ୱରୂପ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରାଯିବ । ସମକାଳୀନ ସାହିତ୍ୟ ଜଗତରେ କବିତା ଲେଖିବାର କଳା ଓ କୌଶଳକୁ ପାଥେୟ କରି ସାରସ୍ୱତ ସର୍ଜନା କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଚକ୍ରପାଣି ପରିଚ୍ଛାଙ୍କ କାବ୍ୟଶୈଳୀ ବେଶ୍ ଋଦ୍ଧିମନ୍ତ । ତାଙ୍କ ରଚିତ ଅନେକ ପୁସ୍ତକ ଓଡ଼ିଆ ସାରସ୍ୱତ ଜଗତକୁ ପରିସ୍ଫୁଟ କରିଛି । ସେ ଆଧୁନିକ କବିତାର ଏକ ସ୍ୱତନ୍ତ୍ର ପରିଚୟ । ତାଙ୍କ ଶବ୍ଦ ବିନ୍ୟାସର ଉଷ୍ମୁମ ନିଃଶ୍ୱାସରେ କବିତାର ଖାଲିପଣକୁ ଜାକି ହୋଇଯାଇଥିବା ସ୍ୱପ୍ନ ଗୁଡ଼ିକ ଚେଇଁ ଉଠନ୍ତି । ଜୀବନ ଯାତନାର ଅନେକ ଏକ୍ସାପଣର ଅନୁଭବକୁ ଶବ୍ଦକାନ୍ତିରେ ଭରିଦେବା ହେଉଛି ତାଙ୍କର ଅନନ୍ୟ ପ୍ରତିଭା । ନକାରାତ୍ମକ ଭାବାବେଗକୁ ସମ୍ମୋହନର ଅତ୍ୟୁଚ୍ଚ ଶିଖରରେ ପହଂଚାଇବାରେ ସେ ସିଦ୍ଧହସ୍ତ । ବେତାର ନାଟକ, ରହସ୍ୟ ଉପନ୍ୟାସ ଏବଂ କବିତା ଲେଖିବା ନିଶାରେ ସେ ମସଗୁଲ । ଉଭୟ ସଂକ୍ଷିପ୍ତ ଏବଂ ଦୀର୍ଘ କବିତା ଲେଖିବାରେ ସେ ପରିପକ୍ୱ । ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀଙ୍କ ନିଷ୍ପତି କ୍ରମେ ଆୟୋଜକ କମିଟିର ଆବାହିକା ପୁଷ୍ପାଞ୍ଜଳି ରଣା, ସଂଯୋଜକ ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ ଓ ରୂପେଶ ସାହୁ କବି ଚକ୍ରପାଣି ପରିଚ୍ଛାଙ୍କ ନାମ ଘୋଷଣା କରିଛନ୍ତି । ନାମ ଘୋଷଣା ପରେ କବିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ମାଁ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

ଗଂଜାମ: ଗଞ୍ଜାମ ଜିଲ୍ଲାର ଅଧୀଷ୍ଠାତ୍ରୀ ଦେବୀ ମାଁ ତାରାତାରିଣୀଙ୍କ ଚୈତ୍ର ଦ୍ୱିତୀୟ ପାଳି ମଙ୍ଗଳବାର ଯାତ୍ରା ଅନୁଷ୍ଠିତ ହେଉଛି । ପ୍ରତ୍ୟୁଷରେ କୁମାରୀ ପର୍ବତ ଉପରେ ମାଁ ଙ୍କମନ୍ଦିର ରେ ଦ୍ୱାରଫିଟା ମଙ୍ଗଳଆଳତୀ ପୂଜାଅର୍ଚ୍ଚନା ପରେ ଶ୍ରଦ୍ଧାଳୁ ଙ୍କ ଧାଡ଼ି ଦର୍ଶନ ଆରମ୍ଭ ହୋଇ ଯାଇଛି । ଶ୍ରଦ୍ଧା ଳୁ ମାନେ ହଜାର ହଜାର ସଂଖ୍ୟାରେ ସେମାନ ଙ୍କ ଶିଶୁ ଙ୍କୁ ମୁଣ୍ଡନ କରି ପ୍ରଥମ କେଶ ମାଁ ଙ୍କୁ ସମର୍ପଣ କରି ମାନସିକ ପୂଜାର୍ଚ୍ଚନା କରୁଛନ୍ତି ।ଆଜି ପୀଠରେ ଲକ୍ଷାଧୀକଶ୍ରଦ୍ଧାଳୁସମ୍ବେତ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷା ପାଇଁ ସମସ୍ତ ବନ୍ଦୋବସ୍ତ କରିଛନ୍ତି । କୁମାରୀ ପାହାଡ ଉପରେ ଓ ପାଦଦେଶରେ ଶହଶହ ଅସ୍ଥାୟୀ ବିଭିନ୍ନ ଦୋକାନ ବଜାର ଖୋଲିଛି । ପୁଲିସ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ କରୁଛି । ଜଳଯୋଗାଣ, ସ୍ୱାସ୍ଥ୍ୟ ସ୍ୱେ ଚାଲୁରହିଛି । ମୁଣ୍ଡନ ପାଇଁ ୪ଟିସ୍ଥାନରେ ବ୍ୟବସ୍ଥା ରହିଛି । ମାଁ ଙ୍କ ଦର୍ଶନ ପାଇଁ ପାହାଡ଼ ଉପରକୁ ଯିବା ପାଇଁ ରୋପୱେ ସଚଳାଚଳ ବ୍ୟବସ୍ଥା ହୋଇଛି । ହଜାର ହଜାର ଯାତ୍ରୀ ପାହାଚ ଚଢି ମନ୍ଦିର କୁ ଯାଇ ମାଁ ଙ୍କ ଦର୍ଶନ କରୁଛନ୍ତି । ଭକ୍ତ ମାନଙ୍କୁ ପ୍ରସାଦ ସେବନପାଇ ଅନ୍ନପ୍ରସାଦ ଓଭୋଗ ପୂଡିଆ ବିକ୍ରି କରାଯାଉଛି । ବହୁ ଶ୍ରଦ୍ଧାଳୁ ମାନସିକ ପୂଜାର୍ଚ୍ଚନା ପରେ ପାହଡପାଦ ଦେଶରେ ଭୋଜିଭାତ କରି ଦ୍ୱୋଙ୍କୁ ନୈବେଦ୍ୟ ଅର୍ପଣ କରି ପରିବାର ଓ ବନ୍ଧୁ ର୍ଗଙ୍କ ସହସ୍ୱେନ କରି୍ଆସରମଧ୍ଯ ଜମାଇ ଛନ୍ତି । ଶାନ୍ତି ଶୃଙ୍ଖଳା ରସହିତ ଆଜିର ଯାତ୍ରା ଅନୁଷ୍ଠିତ ହୋଇଛି ।

ଜିଲ୍ଲା ସ୍ତରୀୟ କ

ରେଳବାଇର ଦକ୍ଷିଣ ଓଡ଼ିଶା ପ୍ରତି ବହୁବର୍ଷ ଧରି କ୍ରମାଗତ ଅବହେଳା ପ୍ରତିବାଦରେ ଡିଆରଏମ ଅଫିସ ଘେରାଉ

ବ୍ରହ୍ମପୁର(ନିପ୍ର): ଦକ୍ଷିଣ ଓଡିଶାର ବହୁ ଗଣସଂଗଠନ ମାନଙ୍କ ମିଳିତ ଭାବେ ଖୋର୍ଦ୍ଧଓ ରୋଡ ଡିଭିଜନ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଓ ଯାହାକି ୧୪୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାବି କରାଯାଇ ଆସୁଥିବା ଗୋପାଳପୁର-ରେଢ଼ାଖୋଲ (ସମ୍ବଲପୁର), ଗୋପାଳପୁର-ସିଙ୍ଗାପୁର (ରାୟଗଡା), ଗୋପାଳପୁର -ତାଳଚେର ରେଳପଥ ନିର୍ମାଣକୁ ଜାଣିଶୁଣି ଅବହେଳା କରାଯାଉଛି ଓ ବାରମ୍ବାର ସର୍ଭେ କରାଯାଇ ଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ ତଥା ଆର୍ଥିକ ଅନୁମୋଦନ କରାଯାଉନାହିଁ ଫଳରେ ଦକ୍ଷିଣ ଓଡିଶା ସହ ପଶ୍ଚିମ ଓଡିଶା ସହ ସିଧାସଳଖ ଯୋଗାଯୋଗ, ସାମାଜିକ -ଅର୍ଥନୈତିକ ବିକାଶରେ ବାଧାପ୍ରାପ୍ତ ହେଉଛି ଫଳରେ ହାରାହାରି ଏକକୋଟିଜନତାଙ୍କ ପ୍ରତିକୁଠାରଘାତ ଏବଂ ବୈମାତୃକ ମନୋଭାବ ଯୋଗୁଁ ରେଳପଥ ନିର୍ମାଣ ଜାଣିଶୁଣି କରାଯାଉ ନାହିଁ । ଏଥିସହ ରାଜ୍ୟର ସର୍ବପ୍ରଥମ ଓ ସର୍ବ ପୁରାତନ ତଥା ୧୫୦ ବର୍ଷର ପୂରଣଓ ରେଳଷ୍ଟେସନ ବ୍ରହ୍ମପୁର ରେଳ ଷ୍ଟେସନ ଅମୃତ ଭାରତ ରେଳ ଷ୍ଟେସନ ମାନ୍ୟତା ପାଇଥିବା ଏବଂ ଓଡ଼ିଶାର ତିନିଗୋଟି ଏନଏସଜି -୨ ଷ୍ଟେସନ ଭିତରେ ଭୁବନେଶ୍ୱର, ପୁରୀ ଏବଂ ବ୍ରହ୍ମପୁର ରହିଛି ଓ ବ୍ରହ୍ମପୁରର ଆୟ ବାର୍ଷିକ ୧୦୦ କୋଟିରୁ ଉର୍ଦ୍ଧ୍ୱ ରହିଥିବାବେଳେ ଯାତ୍ରୀ ସଂଖ୍ୟା ବାର୍ଷିକ ହାରାହାରି ୭୨ ଲକ୍ଷରୁ ଅଧିକା ରହିଛି କିନ୍ତୁ ଭୁବନେଶ୍ୱର ଓ ପୁରୀର ବିକାଶ ପାଇଁ ୪୦୦ ଓ ୩୦୦ କୋଟିରୁ ଦିଆଯାଇଥିବାବେଳେ, ଓଡ଼ିଶଓର ୫ ନମ୍ବର ଷ୍ଟେସନ କଟକର ବିକାଶ ପାଇଁ ୩୫୦ କୋଟିରୁ ଅଧିକା ଅର୍ଥ ଦିଆଯାଇଥିବାବେଳେ ବ୍ରହ୍ମପୁର ଷ୍ଟେସନର ଅନୁସଓଜିକ ବିକାଶ ପାଇଁ ମାତ୍ର ୯୩.୧୯ କୋଟି ଦିଆଯିବା କେତେ ଦୂର ଯୁକ୍ତିସଙ୍ଗତ । ପ୍ରଶ୍ନ ଉଠୁଛି ୧୦୦ କୋଟିରୁ ଅଧିକ ଆୟ କରୁଥିବା ବ୍ରହ୍ମପୁର ଭଳି ଓଡ଼ିଶାର ସର୍ବପୁରାତନ ଷ୍ଟେସନ ପାଇଁ ଏହି ନୂତନ କୋଠର ଡ଼ିଜାଇନ ଉପଯୁକ୍ତ କି । ରାଜ୍ୟର ସବୁ ବଡ ଷ୍ଟେସନ ବୃହତ ରୁଫ ପ୍ଲାଜ଼ା ଓ ନୂତନ ଭବ୍ୟ କୋଠା ନିର୍ମାଣ ଚାଲିଥିବାବେଳେ ବ୍ରହ୍ମପୁରରେ ମଧ୍ୟ ଫୁଟଫଲ କୁ ଆଧାର କରି ସେହିଭଳି ଭାବେ ରୂଫ ପ୍ଲାଜ଼ା ନିର୍ମାଣ କରାଯାଉ ଓ ଗୋଳନ୍ଥରା କୋଚିଙ୍ଗ ଡିପୋ ଆବଶ୍ୟକତା ଦୃଷ୍ଟିରୁ ତୁରନ୍ତ ଆର୍ଥିକ ଅନୁଦାନ, ବ୍ରହ୍ମପୁରକୁ ବିଶ୍ୱ ସ୍ତରୀୟ ଷ୍ଟେସନ ଭାବେ ବିକାଶକୁ ତ୍ୱରାନ୍ୱିତ କରାଯାଉ, ବ୍ରହ୍ମପୁର ଷ୍ଟେସନରେ କେତୋଟି ସାପ୍ତାହିକ ଓ ଋତୁକାଳୀନ ଟ୍ରେନ ରହିବା ଅତ୍ୟନ୍ତ ଆବଶ୍ୟକତା ଥିବାବେଳେ ଏହାର ବ୍ୟତିକ୍ରମ ଭାବେ ପଲାସାରେ ରହଣି ବ୍ୟବସ୍ଥା ଥିବାବେଳେ ବ୍ରହ୍ମପୁର ରେ କାହିଁକି ବ୍ୟତିକ୍ରମ । ବ୍ରହ୍ମପୁର ଠାରୁ ପୁରୀ ଏସି ଚେୟାର କାର , ବ୍ରହ୍ମପୁର ଠାରୁ ଭୁବନେଶ୍ୱର ଓ ବିଶାଖାପାଟଣା ନିମନ୍ତେ ସକାଳୁଯିବା ଓ ସନ୍ଧ୍ୟାରେ ସରକାରୀ କର୍ମଚାରୀ ମାନଙ୍କପାଇଁ ଫେରିବାର ବ୍ୟବସ୍ଥା, ଭୁବନେଶ୍ୱରରୁ ଯାଉଥିବା ଆନନ୍ଦ ବିହାର (ସମ୍ପର୍କ କ୍ରାନ୍ତି)ଏବଂ ଜନଶତାବ୍ଦୀ ଏକ୍ସପ୍ରେସକୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ବିଶାଖାପାଟଣାକୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ, ଟାଟାନଗର-ଜାମ୍ମୁତାବିକୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଆଦି ପ୍ରମୁଖ ବହୁ ଦାବି ନେଇ ବିକ୍ଷୋଭ କରାଯାଇଥିଲା ଏଥିରେ ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ର ଆବାହକ ତଥା ବରିଷ୍ଠ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ପାତ୍ର, ଜୟଦେ ବେଗ, ସୁରେନ୍ଦ୍ର ନାଥ ରାଉତ, ମହେଶ୍ୱର ବଡ଼ତ୍ୟଓ, ଓଡିଶା ଡେଭେଲପମେଂଟ ଫୋରୁମର ଲକ୍ଷ୍ମୀ ନାରାୟଣ ପାଢୀ, ପ୍ରବୀଣ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବେହେରା, ଆଇନଜୀବୀ ସିରିନ ତମ୍ପାନଓ, ସମାଜସେବୀ ଆଦିତ୍ୟ ନାରାୟଣ ରଥ, ଭାସ୍କର ବାଙ୍ଗାରି, ପ୍ରତାପ କୁମାର ବିଷୋୟୀ, ଶରତ କୁମାର ପାତ୍ର, ବଦ୍ରିନାରାୟଣ ପାତ୍ର, ସଂସାର ଅନୁଷ୍ଠାନର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବହୁ ମାନ୍ୟଗନ ବ୍ୟକ୍ତି ଯୋଗ ଦେଇଥିବା ବେଳେ ଦକ୍ଷିଣ ଓଡିଶା ରେଳପଥ କ୍ରିୟାନୁଷ୍ଠାନ କମିଟି ର ସଂଯୋଜକ ବିନୋଦ ଠାକୁର ଏବଂ ଦୀପକ କୁମାର ସ୍ୱାଇଁଖାଦ୍ୟ ବ୍ୟଞ୍ଜନ ବ୍ୟବସ୍ଥା କରିଥିଲେ ।

ସୋରରେ ଇଣ୍ଡେନ ଗ୍ୟାସର କୃତ୍ରିମ ଅଭାବ: ଅନଲାଇନ ଗ୍ୟାସ ବୁକିଙ୍ଗ ବନ୍ଦ

ସୋର(ନିପ୍ର): ଆମ ଦେଶର ଜାଳେଣି ଗ୍ୟାସ ଭାରତ ବାହାରୁ ଆମଦାନୀ ହେଉଥିବା ବେଳେ, ୟୁରୋପ ଦେଶମାନଙ୍କରେ ଚାଲିଥିବା ଯୁଦ୍ଧ୍ୟ ଯୋଗୁଁ ଗ୍ୟାସ ଆମଦାନୀରେ ଅସ୍ଥିରତା ସୃଷ୍ଟି ହୋଇଛି । ଯେଉଁଥି ପାଇଁ ରନ୍ଧନ ଗ୍ୟାସ ଦର ବୃଦ୍ଧି ଘଟିଛି । ଏହି ସୁଯୋଗରେ ମୁନାଫାଖୋର ଗ୍ୟାସ ବ୍ୟବସାୟୀ ମାନେ କୃତ୍ରିମ ଗ୍ୟାସ ଅଭାବ ସୃଷ୍ଟି କରାଇ ମୁନଫା କମାଇବାରେ ବ୍ୟସ୍ତ । ପ୍ରାପ୍ତ ସୂଚନା ଅନୁଯାଇ ସୋର ଉତରଶ୍ୱରରେ ଥିବା ଇଣ୍ଡେନ ଗ୍ୟାସ ଡିଲର ଅନଲାଇନ ଗ୍ୟାସ ବୁକିଂ ସିଷ୍ଟମକୁ ଅକାମି କରାଇ ବୁକିଂ ନମ୍ବରକୁ ବିଜିରେ ପକାଇଛନ୍ତି । ଯାହା ଫଳରେ ବାଧ୍ୟହୋଇ ଗ୍ରାହକ ମାନେ ଗ୍ୟାସ ବୁକିଂ କରିନପାରି ଡିଲର ଙ୍କ ଦୋକାନ ପାଖକୁ ଦୌଡୁଛନ୍ତି ଏବଂ ସ୍ୱାଭାବିକ ଭାବେ ବୁକିଂ ପାଇଁ ବିଳମ୍ବ ଘଟୁଛି । ଯାହା ଅନ ଲାଇନରେ ସହଜରେ ହୋଇଥାନ୍ତା । ଯୁଦ୍ଧ୍ୟ ଲାଗି ରହିଥିବାରୁ, ପୁନରାୟ ଗ୍ୟାସ ଦର ବଢିବାର ସମ୍ଭାବନା ଆଶା ରଖି ମୁନଫା କମାଇବା ପାଇଁ ମନ୍ଦ ଉଦେଶ୍ୟ ରଖି କୃତ୍ରିମ ବିଳମ୍ବ ସ ?ଟି କରି ଗ୍ୟାସ ମହଜୁଦ କରୁଥିବାର ସମ୍ଭାବନା ସୃଷ୍ଟି ହୋଇଛି । ଯାହା ଫଳରେ ଗ୍ରାହକ ମାନେ ବୁକିଂ କରିନପାରି ନହିନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ତେଣୁ ଏହି କୃତ୍ରିମ ଗ୍ୟାସ କଳାବଜାରୀ ରୋକିବା ପାଇଁ ଏବଂ ଅନ ଲାଇନ ଗ୍ୟାସ ବୁକିଙ୍ଗ ପୁନ୍ନ ପ୍ରଚଳନ କରିବା ପାଇଁ ଯୋଗାଣ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବାକୁ ସୋର ଗ୍ରାହକ ମାନେ ଦାବି କରିଛନ୍ତି ।

ପ୍ରତିନିଧି ଦଳ ଡେରାଡୁନରେ ପ୍ରମୁଖ ପ୍ରତିଷ୍ଠାନ ପରିଦର୍ଶନ

କେନ୍ଦୁଝର(ନିପ୍ର): ଉତରାଖଣ୍ଡର ମାନ୍ୟବର ରାଜ୍ୟପାଳ ଲେଫ୍ଟନାଂଟ ଜେନେରାଲ ଗୁରମିତ୍ ସିଂହ (ଅବସରପ୍ରାପ୍ତ) ବୁଧବାର ଡେରାଡୁନର ରାଜଭବନର ଲୋକଭବନରେ ଓଡିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ସହିତ ମତବିନିମୟ କରିଛନ୍ତି । ଏହି ପ୍ରତିନିଧି ଦଳ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ପ୍ରେସ୍ ଇନଫର୍ମେଶନ୍ ବ୍ୟୁରୋ (ପିଆଇବି), ଭୁବନେଶ୍ୱର ଦ୍ୱାରା ଆୟୋଜିତ ଉତରାଖଣ୍ଡର ଚାରି ଦିନିଆ ଗସ୍ତରେ ଅଛନ୍ତି । ଦେବଭୂମି ଉତରାଖଣ୍ଡରେ ପ୍ରତିନିଧି ଦଳକୁ ସ୍ୱାଗତ କରି ରାଜ୍ୟପାଳ ରାଜ୍ୟର ଆଧ୍ୟାତ୍ମିକ ଐତିହ୍ୟ, ଅର୍ଥନୈତିକ ପ୍ରଗତି ଏବଂ ବିକାଶମୂଳକ ପଦକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ବା[ଥିଲେ । ସେ ଓଡିଶା ଏବଂ ଉତରାଖଣ୍ଡ ମଧ୍ୟରେ ସମାନତା, ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସେମାନଙ୍କର ଦୁର୍ବଳତା ଉପରେ ଆଲୋକପାତ କରିଥିଲେ ଏବଂ ଘୂର୍ଣ୍ଣିଝଡ଼ ଫନି ପରେ ତାଙ୍କ ଓଡ଼ିଶା ଗସ୍ତକୁ ମନେ ପକାଇ ଲୋକଙ୍କ ସ୍ଥିରତାକୁ ପ୍ରଶଂସା କରିଥିଲେ । ଓଡିଶା ପ୍ରତି ପ୍ରଶଂସା ପ୍ରକାଶ କରି ରାଜ୍ୟପାଳ ମନ୍ତବ୍ୟ ଦେଇଥିଲେ ଯେ ଦେଶ ଭାଗ୍ୟବାନ ଯେ ରାଜ୍ୟ ଦେଶକୁ ଜଣେ ମହିଳା ରାଷ୍ଟ୍ରପତି ଦେଇଛି, ଯାହା ମହିଳା ସଶକ୍ତିକରଣ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ସେ 'ବ୍ରହ୍ମାଣ୍ଡର ପ୍ରଭୁ' ପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଆଧ୍ୟାତ୍ମିକ ଆଗ୍ରହ ବିଷୟରେ ମଧ୍ୟ କହିଥିଲେ ଏବଂ ପୁରୀର ଆଧ୍ୟାତ୍ମିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । 'ପୁରୀ' ଶବ୍ଦର ବ୍ୟାଖ୍ୟା କରି ସେ ଏହାକୁ 'ୟୁ - ତୁମେ ଏବଂ ମୁଁ - ମୁଁ' ଭାବରେ ବ୍ୟାଖ୍ୟା କରିଥିଲେ, ଯାହା ଦିବ୍ୟ ଏବଂ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ସଂଯୋଗର ପ୍ରତୀକ । ସେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ପରମ୍ପରାର ମଧ୍ୟ ପ୍ରଶଂସା କରିଥିଲେ ଏବଂ ରାଜ୍ୟର ଲୋକମାନଙ୍କୁ ସରଳ ଏବଂ ସ୍ନେହପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଥିଲେ । ଉତରାଖଣ୍ଡର ଜାତୀୟ ଗୁରୁତ୍ୱ ଉପରେ ଆଲୋକପାତ କରି ରାଜ୍ୟପାଳ ସୂଚନା ଦେଇଥିଲେ ଯେ ରାଜ୍ୟ ଭାରତ ସରକାରଙ୍କ ୮୨ ଟି ପ୍ରତିଷ୍ଠାନ ଅବସ୍ଥିତ, ଯେଉଁଥିରେ ମସୁରୀରେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନ ଏକାଡେମୀ (ଖଇଝଘଇଇ), ଡେରାଡୁନରେ ଭାରତୀୟ ସାମରିକ ଏକାଡେମୀ (ଓଗଇ), ବନ ଗବେଷଣା ପ୍ରତିଷ୍ଠାନ (ଋଜଓ) ଏବଂ ଭାରତୀୟ ସର୍ଭେ ଭଳି ପ୍ରମୁଖ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ । ପରିଦର୍ଶନ ସମୟରେ, ଗଣମାଧ୍ୟମ ପ୍ରତିନିଧି ଦଳ ଡେରାଡୁନରେ ସୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀ, ରାଷ୍ଟ୍ରୀୟ ଭାରତୀୟ ସାମରିକ କଲେଜ (ଜଓଗଉ) ଏବଂ ବନ ଗବେଷଣା ପ୍ରତିଷ୍ଠାନ (ଋଜଓ) ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ମଧ୍ୟ ପରିଦର୍ଶନ କରିଥିଲେ । ସୌର୍ଯ୍ୟ ସ୍ଥଳ ଯୁଦ୍ଧ ସ୍ମାରକୀରେ, ପ୍ରତିନିଧି ଦଳ ଦେଶ ସେବାରେ ସର୍ବୋଚ୍ଚ ବଳିଦାନ ଦେଇଥିବା ସାହସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତୀୟ ସେନା ଦ୍ୱାରା ବିକଶିତ ଏହି ସ୍ମାରକୀ କର୍ତବ୍ୟ ପାଳନ ସମୟରେ ଜୀବନ ଉତ୍ସର୍ଗ କରିଥିବା ସୈନିକମାନଙ୍କ ସାହସ ଏବଂ ବୀରତ୍ୱକୁ ସ୍ମରଣ କରେ ।

ସୁଭଦ୍ରା ଶକ୍ତି ମେଳା ଶୁଭ ଉଦ୍‌ଘାଟିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ନେସନାଲ କଲେଜ୍ ପଡିଆ ରେ ସୁଭଦ୍ରା ଶକ୍ତି ମେଳା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଛନ୍ତି । ଅତିଥି ମାନେ ଯୋଗ ଦେଇ ସୁଭଦ୍ରା ଶକ୍ତି ମେଳା ଉନ୍ନୟନ ଷ୍ଟଲ ପରିଦର୍ଶନ କରିଥିଲେ । ସଂସ୍କୃତିକ ସନ୍ଧ୍ୟା ରେ ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ ଅଧକ୍ଷତା କରିଥିବା ବେଳେ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର, ନୂଆପଡ଼ା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, ଖରୀଆର ରୋଡ ଅଧକ୍ଷା ଡଃ ସୋନିଆ ଜୈନ୍, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଏସପି ଅମୃତପାଲ ସିଂ, ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଦେଇଥିଲେ । ଏହି ମେଳା ରେ ସହ ସହ ଲୋକ ଯୋଗ ଦେଇଥିବାର ଦେଖିବାକୁ ମିଳିଛି ।

ଘରେ ନଥିବା ବେଳେ କଳାକନା ବୁଲାଇଲେ ଦୁର୍ବୃତ

ସୋର(ନିପ୍ର): ସୋର ଥାନା ମାଣଡ୍ରୀ (ଜହ୍ନଆଁ)ଗ୍ରାମରେ ଗତକାଲି ରାତିରେ ପରିବାର ଲୋକେଦହୀପୁର ମେଳଣ ଦେଖିବାକୁ ଯାଇଥିବା ବେଳେ ଦୁର୍ବୃତ ମାନେ ଘରେ କଳାକନା ବୁଲାଇ ଦେଇଛନ୍ତି । ଏହି ଗ୍ରାମର ସୁଧାକର ସାହୁଙ୍କ ପରିବାର ଲୋକେ ଗତକାଲି ନିକଟରେ ହେଉଥିବା ଦହିପୁର ମେଳଣ ଦେଖିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ ମାନେ ତାଙ୍କ ଘରର ଚାବି ଭାଙ୍ଗି ଘରେ ପଶି ୫ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ଟଙ୍କା ଚୋରି କରି ଫେରାର ହୋଇ ଯାଇଛନ୍ତି ବୋଲି ସୋର ଥାନା ରେ ଅଭିଯୋଗ କରିଛନ୍ତି ସୁଧାକର ସାହୁ । ତେବେ ପରିବାର ଲୋକେ ରାତିରେ ମେଳଣରୁ ଫେରିବା ପରେ ଚୋରି ହୋଇଥିବା ଜାଣି ପାରି ପରିବାର ଲୋକେ ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ କରି ଫେରିଥିଲା । ଆଜି ସକାଳେ ଏ ବାବଦରେ ପରିବାର ଲୋକଙ୍କ ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ଓଡିଶା ଫଟୋଗ୍ରାଫର ସଂଘର ସ୍ମୃତିସଭା ଓ ଆର୍ଥିକ ସହାୟତା

ଖଇରା(ନିପ୍ର): ଖଇରା ଓ ଔପଦା ଅ□ଳର ଜଣାଶୁଣା ଫଟୋଗ୍ରାଫର ପ୍ରାଥଞ୍ଜୟ ବାରିକଙ୍କ ବିୟୋଗରେ ଏକ ସ୍ମୃତିସଭା କୁରୁଂଟା ପଂଚାୟତ ଅଧୀନ ମରିପୁର ଖଇରା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସଂଘର ସଭାପତି ସଞ୍ଜୟ ରଥ, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, ଖଇରା ଔପଦା ସଂଘ ଶାଖାର ସଭାପତି ରୋହିତ କୁମାର ରାଉତ, ସମ୍ପାଦକ ରଞ୍ଜନ କୁମାର ବେହେରା ପ୍ରମୁଖ ସ୍ମୃତିସଭାରେ ଉପସ୍ଥିତ ରହି ସ୍ୱର୍ଗତ ବାରିକଙ୍କ କର୍ମନିପୁଣତା ଉପରେ ଆଲୋକପାତ କରିଥିଲେ । ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା । ଶେଷରେ ରାଜ୍ୟ ତଥା ଖଇରା-ଔପଦା ସଂଘ ତରଫରୁ ମିଳିତ ଭାବେ ୪୦ହଜାର ଟଙ୍କାର ଆର୍ଥୀକ ସହାୟତା ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରାଯାଇଥିଲା।

ଜିଲ୍ଲା କଳାକାର ସଂଘର ବନ୍ଧୁ ମିଳନ

ବ୍ରହ୍ମପୁର(ନିପ୍ର): ଉତ୍କଳ ଆଶ୍ରମ ସଭାଗୃହରେ ଗଞ୍ଜାମ ଜ଼ିଲ୍ଲା କଳାକାର ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ସାରିଛି । ସଭାପତି ଶଙ୍କର୍ଷଣ ସାବତଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମଂଚରେ ସାଧାରଣ ସମ୍ପାଦକ ଡ ମିହିର କୁମାର ତ୍ରିପାଠୀ, ଉପଦେଷ୍ଟା ସ୍ୱୟଂସିଦ୍ଧା ସ୍ୱର୍ଣପ୍ରଭା ପାଢ଼ୀ, ତ୍ରିପତି ନାୟକ ମଂଚାସୀନ ଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ କୈଳାଶ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ନାୟକ, ମନୋଜ ଦଣ୍ଡପାଟ, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ସୁଦିପ ସାହୁ, ଗିରିଜା ଶଙ୍କର ଦାଶ, ଦୁର୍ଗା ଆଚାର୍ଯ୍ୟ, ଅରୁଣ କୁମାର ସାହୁ, ତାପସ ପାଣିଗ୍ରାହୀ, ସରୋଜ କୁମାର ପଣ୍ଡା, ପ୍ରୀତି ମଞ୍ଜରୀ ପ୍ରତିନିଧି, ସୁନନ୍ଦା ସାହୁ, ସରୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ମଇ ମାସରେ ଜ଼ିଲ୍ଲା ସ୍ତରୀୟ ନାଟକ ଉତ୍ସବ ବ୍ରହ୍ମପୁରରେ ଆୟୋଜନ କରିବା ପାଇଁ ନିଷ୍ପତି ନିଆଯାଇଛି କ୍ଷ ଶେଷରେ ମିହିର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦପୁର ଗ୍ରାମ ପଂଚାୟତ ଅଧୀନ ମାଟିଆଳପଦା ଗ୍ରାମରେ ବିଶ୍ୱାଶାନ୍ତି ତଥା ଅଷ୍ଟପ୍ରହର ନାମଯଜ୍ଞ ମଙ୍ଗଳ ଓ ବୁଧବାର ୨ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ଘାଉଲି ଗିରି, ନରହରି ଗିରି, ଚୈତନ୍ୟ ମହାନ୍ତି, ସୁବାସ ମହାନ୍ତି, ଦାମୋଦର ମହାନ୍ତି ଓ ମଥୁରା ମହାନ୍ତିଙ୍କ ଦ୍ୱାରା କଳସ ଅଣାଯାଇଥିଲା । ପଣ୍ଡିତ ନରସିଂହ ଶତପଥି, ସଦାଶିବ ଆଚାର୍ଯ୍ୟ,ରାଜେନ୍ଦ୍ର ଶନିବିଗ୍ରହ ଓ ଭାଗବତ ଦାଶଙ୍କ ଦ୍ୱାରା ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ସେହିଭଳି ମା' କେନ୍‌ରୀ ପଣ୍ଟିମା ଅଷ୍ଟପ୍ରହର ନାମଯଜ୍ଞକମିଟି ଆନୁକୂଲ୍ୟରେ ନାମଯଜ୍ଞର ଆୟୋଜନ କରାଯାଇଥିଲା । ମାନସ କୁମାର ମହାନ୍ତି, ବସନ୍ତ ଜେନା, ଦିନେଶ ଦାସ, ଭାଗିରଥି ବେହେରା, ଭରତ ମହାନ୍ତି, ଉମାକାନ୍ତ ଗିରି, ସରୋଜ ମହାନ୍ତି, ସୁଦର୍ଶନ ମହାନ୍ତି, ରାଜେନ୍ଦ୍ର ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ମିଶ୍ରଣ ପରବର୍ତୀକୁ ନେଇ କ୍ରିୟାନୁଷ୍ଠାନ କମିଟିର ବୈଠକ

ବ୍ରହ୍ମପୁର(ନିପ୍ର): ମହାନଗର ପାର୍ଶ୍ୱବର୍ତୀ ୧୪ ଟି ଂଚାୟତର ବ୍ରହ୍ମପୁର ମହାନଗର ନିଗମରେ ସାମିଲ ହେବା ପରେ ସେ ସବୁ ଅଂଚଳର ବିକାଶ ରୂପରେଖ କଣ ଏବଂ ୱାର୍ଡ ଗଠନର ମାପଦଣ୍ଡ କିଭଳି ରହିବା ଦରକାର ତାହାରି ଉପରେ ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଗଦଳପୁର ଂଚାୟତରେ ଂଚାୟତ ପ୍ରତିନିଧି, ବୁଦ୍ଧିଜୀବି ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଏକ ବିଚାର ବିମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ସ୍ଥାନୀୟ ସରପଂଚ କ୍ରାନ୍ତି ଦ୍ୱୀଙ୍କ ବାସଗୃହରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ ଦୀର୍



କୁମୁଲିରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଜୟପୁର : ବୋରିଗୁମ୍ଫା ବ୍ଲକ ଅନ୍ତର୍ଗତ କୁମୁଲି ଗାଁରେ ପ୍ରତିଷ୍ଠା ହୋଇଛି ନୂତନ ଜଗନ୍ନାଥ ମନ୍ଦିର । ପ୍ରତିଷ୍ଠା ଉତ୍ସବ ପାଇଁ ଚଳ ଚଂଚଳ ହୋଇ ଉଠିଥିଲା କୁମୁଲି ସମେତ ସମଗ୍ର ବୋରିଗୁମ୍ଫା ବ୍ଲକ । ୫ତାରିଖରୁ ଆରମ୍ଭ ହୋଇ ଥିବା ଏହି ଉତ୍ସବର ପୂର୍ଣ୍ଣାହୁତି ସୋମବାର ଦିନ ହୋଇ ରତ୍ନ ସିଂହାସନରେ ଦର୍ଶନ ଦେଉଛନ୍ତି ଚକାନୟନ ।ବୈଦିକ ରୀତି ନୀତି ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପରମ୍ପରାରେ ନୂତନ ଜଗନ୍ନାଥ ମନ୍ଦିର ସହିତ ପାର୍ଶ୍ୱ ମନ୍ଦିର ଓ ଶ୍ରୀ ବିଗ୍ରହ ମାନଙ୍କ ପ୍ରତିଷ୍ଠା ଉତ୍ସବ ପୁରୀ ଶଙ୍କରଚାର୍ଯ୍ୟଙ୍କ ଶିଷ୍ୟ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତହୋଇଛି ପ୍ରଥମ ଦିନରେ ଅଙ୍କୁରାରୋପଣ ସହିତ, ଧାନ୍ୟାଧୀବାସ , ଦ୍ୱିତୀୟ କଳସ ଯାତ୍ରା ଅନୁଷ୍ଠିତ ହୋଇ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ହୋଇଥିଲା ଏହି ଦିବସରେ ଛତିଶଗଡ଼ ରାଜ୍ୟର ମହାରାଜ ଶ୍ରୀ କମଳ ଲୋଚନ ଭଞ୍ଜଦେବ ଆସି ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଉତ୍ସବରେ ପହଂଚିବା ପରେ ମହାରାଜଙ୍କୁ ଭବ୍ୟସ୍ୱାଗତ କରାଯାଇଥିଲା । ମହାରାଜ କମଳ ଲୋଚନ ଭଞ୍ଜଦେବ ମନ୍ଦିର ବୁଲି ପ୍ରଶଂସା କରିଥିଲେ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ୫ ଟିମ ଭଜନ ସନ୍ଧ୍ୟା ରେ ପରିବେଶ ଭକ୍ତିମୟ ହୋଇ ପଡ଼ିଥିଲା । ୭ ତାରିଖ ରେ ଶାଲା ପ୍ରବେଶ ପଂଚକର୍ମ , ହବନ,ପ୍ରସାଦ ଅଧିବାସ ହୋଇଥିବା ବେଳେ ସନ୍ଧ୍ୟା ରେ ମନ୍ଦିର ପରିସର ମଧ୍ୟରେ ତିରୁପତି ସଂସ୍କୃତ ବିଶ୍ୱିଦ୍ୟାଳୟ ପ୍ରଫେସର ନିରଞ୍ଜନ ମିଶ୍ର ଓ ପ୍ରଫେସର ଭରତ ଭୁଷଣ ରଥଙ୍କ ଦ୍ୱାରା ଜଗନ୍ନାଥଙ୍କ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା । ୮ ରେ ଶ୍ରୀ ବିଗ୍ରହ ମାନଙ୍କ ମହାସ୍ନାନ, ପଂଚ ଅଧିବାସ , ଗୁପ୍ତ ନୀତି ଓ ଶୟନ ହୋଇଥିଲା ଏହା ଦେଖିବା ପାଇଁ ହଜାର ହଜାର ଭକ୍ତ ଯୋଗ ଦେଇ ଥିଲେ ଏହି ଦିନ ଅଷ୍ଟପ୍ରହର ନାମ ସଙ୍କୀର୍ତନ ହୋଇଥିଲା । ସମୋବାର ଶେଷ ଦିନରେ ବିବାହ ଉତ୍ସବ , ନୀଳଚକ୍ର ସ୍ଥାପନ ,ଶ୍ରୀ ବିଗ୍ରହ ମାନଙ୍କ ସହିତ ପାର୍ଶ୍ୱ ଦେବା ଦେବୀ ମାନଙ୍କ ମନ୍ଦିର ଭିତରକୁ ପ୍ରବେଶ ହୋଇଥିଲା ଏହା ଦେଖିବା କୁ ସମଗ୍ର କୋରାପୁଟ ଜିଲ୍ଲା ସମେତ ସାରା ଓଡ଼ିଶାରୁ ଭକ୍ତ ରୁଣ୍ଡ ହେଉଥିଲେ ସମଗ୍ର କୁମୁଲି ଅଂଚଳ ଜଗନ୍ନାଥ ମୟ ହୋଇଯାଇଥିଲା । ପାରଳଖେମୁଣ୍ଡି ମହାରାଣୀ କଲ୍ୟାଣୀ ଦେବୀ ଯୋଗ ଦେଇ ଶ୍ରୀ ବିଗ୍ରହ ମାନଙ୍କୁ ଦର୍ଶନ କରିଥିଲେ ସନ୍ଧ୍ୟା ରେ ମହାବାହୁ ଭଜନ ସନ୍ଧ୍ୟା ଗ୍ରୁପ ତରଫରୁ ସଙ୍ଗୀତ ପରିବେଷଣ ହୋଇଥିଲା ଏବଂ ରାତିରେ କାଠରଗଡା ଗ୍ରାମର ଭୁବନ ଗୁରୁଙ୍କ ନିର୍ଦ୍ଦେଶନାର କୋରାପୁଟିଆ ନାଟକ 'ଦଇବ ହାତରେ ଭାଗ୍ୟର ଡୋରି ' ପରିବେଷଣ ହୋଇ ଥିଲା ।। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ ବିଧାୟକ ରୁପୁ ଭାତ୍ରା , ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବିଜେପି ନେତା ଗୌତମ ସାମନ୍ତରାୟ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ,ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ବୋରିଗୁମ୍ଫା ସମିତି ଅଧ୍ୟକ୍ଷା ଦିପ୍ତିମୟୀ ନାୟକ, ବୋରିଗୁମ୍ଫା ବିଡିଓ ସୁକାନ୍ତ ପଟ୍ଟନାୟକ, ବୋରିଗୁମ୍ଫା ତହସିଲଦାର ,ବୋରିଗୁମ୍ଫା ଏସଡିପିଓ ସତ୍ୟବ୍ରତ ଲେଙ୍କାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।କୁମୁଲି ଅଂଚଳ ଓ ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣ ରୁ ହଜାର ହଜାର ଭକ୍ତ ଯୋଗ ଦେଇ ଶ୍ରୀ ବିଗ୍ରହ ମାନଙ୍କ ଦର୍ଶନ କରିଥିଲେ । ବି ସିଂହପୁର ଥାନା ଅଧିକାରୀ ଲିମାରାଜ୍ ପ୍ରଧାନଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।ଶାନ୍ତି ଶୃଙ୍ଖଳାର ସହିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଟି ସମାପନ ହୋଇଛି । ଶାନ୍ତି ଶୃଙ୍ଖଳାର ସହିତ ଏହି ପ୍ରତିଷ୍ଠା ଉତ୍ସବ ଟି ସମାପନ କରିଥିବାରୁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଆ ଯାଇଛି । ନିତିକାନ୍ତି ଅନୁସାରେ କୁମୁଲି ଜଗନ୍ନାଥ ମନ୍ଦିର ରତ୍ନ ସିଂହାସନରେ ସାଧାରଣ ଭକ୍ତଙ୍କୁ ଦର୍ଶନ ଦେବେ ବଡ଼ଭାଇ ବଳଭଦ୍ର ଓ କାଳିଆ ସାଆନ୍ତଙ୍କ ସହିତ ଭଉଣୀ ସୁଭଦ୍ରା ଓ ସୁଦର୍ଶନ ନୂତନ ମନ୍ଦିର ପରିସର ମଧ୍ୟରେ ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ସହିତ ,ମା ଲକ୍ଷ୍ମୀଙ୍କ ମନ୍ଦିର ,ମା ବିମଳାଙ୍କ ମନ୍ଦିର , ଶିବ ମନ୍ଦିର , ମା ମହାମାହି ମନ୍ଦିର , ଶ୍ରୀ ଗଣେଶଙ୍କ ମନ୍ଦିର ଓ ହନୁମାନଙ୍କ ମନ୍ଦିର ମଧ୍ୟ ନିର୍ମାଣ ହୋଇ ପ୍ରତିଷ୍ଠା ହୋଇଯାଇଛି ।

ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ

ବଲାଂଗିର : ବଲାଙ୍ଗିର ଜିଲ୍ଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ପରିବନ ବିଭାଗର ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ଯାତ୍ରା କରୁଥିବା ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଶ୍ରଦ୍ଧାଳୁମାନଙ୍କ ଦର୍ଶନ କିପରି ଭଲରେ ହେବ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଂଚଳରୁ ସମୁଦାୟ ୧୮୫ ଜଣ ବରିଷ୍ଠ ନାଗରିକ ଏବଂ ବିଧବା ମା'ମାନେ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ବୁଝିବା ପାଇଁ ୫ ଜଣ ଏସକର୍ଟ ଅଫିସର , ୫ ଜଣିଆ ମେଡିକାଲ ଟିମ୍ ଏବଂ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ୫ ଜଣ ସୁପରଭାଇଜର ନିୟୋଜିତ କରାଯାଇଅଛି । ଯାତ୍ରା ଆରମ୍ଭ ପୂର୍ବରୁ ସମସ୍ତ ଶ୍ରଦ୍ଧାଳୁଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ଏବଂ ସେମାନଙ୍କୁ ଆବଶ୍ୟକୀୟ ଜରୁରୀକାଳୀନ ଔଷଧ ମଧ୍ୟ ପ୍ରଦାନ କରାଯାଇଛି । ଶ୍ରଦ୍ଧାଳୁମାନେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଆସନ୍ତାକାଲି ରାତିରେ ବଲାଙ୍ଗିର ଅଭିମୁଖେ ପ୍ରତ୍ୟାବର୍ତନ କରିବେ । ଏହି ଯାତ୍ରା ବରିଷ୍ଠ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅନେକ ଉତ୍ସାହ ସୃଷ୍ଟି କରିଛି । ଆଜିର କାର୍ଯ୍ୟକ୍ରମରେ ସନ୍ଦୀପ କୁମାର କୁଅଁର ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ପର୍ଯ୍ୟଟନ ବିଭାଗର କର୍ମଚାରୀ ନୀଳାଂଚଳ ଦୀପ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

ପଲ୍ଲୀରେ ପ୍ରଶାସନ ହାଟବରଡିହ ଗ୍ରାମ ପଂଚାୟତରେ ଜିଲ୍ଲାପାଳଙ୍କ ଜନଶୁଣାଣୀ

ଖୋର୍ଦ୍ଧା : ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ରତୁରାଜ ଚିଲିକା ବ୍ଲକ ଅନ୍ତର୍ଗତ ହାଟବରଡିହ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣୀ ଶିବିରରେ ଅଧ୍ୟକ୍ଷତା କରି ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣି କରିଛନ୍ତି । ଉକ୍ତ ଜନ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ , ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା, ଉପଖଣ୍ଡ ପୁଲିସ ଅଧିକାରୀ, ବାଲୁଗାଁ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଚିଲିକା ବି ଡି ଓ, ଚିଲିକା ତହସିଲଦାର ପ୍ରମୁଖ ଯୋଗଦେଇ ଥିଲେ । ଆଜିର ଏହି ଅଭିଯୋଗ ଶିବିରକୁ ମୋଟ ୭୯ଟି ଅଭିଯୋଗ ଆସିଥିଲା ସେଥିମଧ୍ୟରୁ ୭୪ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ ଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୫ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ , ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରୀ ପଟ୍ଟନାୟକ, ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ୍, ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ମହିଳା ଆୟୋଗଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ

ସମ୍ବଲପୁର : ରାଜ୍ୟରେ ମହିଳାଙ୍କ ବିରୁଦ୍ଧରେ ଘଟୁଥିବା ଘରୋଇ ହିଂସା, ନିର୍ଯ୍ୟାତନା, ଯୌତୁକ, ସମ୍ପତି ବିବାଦ, କାର୍ଯ୍ୟସ୍ଥଳୀରେ ନିର୍ଯ୍ୟାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ ଆଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଅନ୍ୟାନ୍ୟ ଅଭିଯୋଗର ଉପସ୍ଥାପନା ଓ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏହି ଜନ ଜନ ଶୁଣାଣି କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନ ୧୦ଟା ବେଳେ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ ଓ ଶୁଣାଣି ହୋଇଥିଲା । ମହିଳା ଅଧ୍ୟକ୍ଷା ଶୋଭନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଅଂଚଳର ସମୁଦାୟ ୪୯ ଗୋଟି ମାମଲାରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ, ସେଥି ମଧ୍ୟରୁ ମୋଟ ୩୦ ଗୋଟି ମାମଲାରେ ଜନ ଶୁଣାଣି କାର୍ଯ୍ୟକ୍ରମରେ ପକ୍ଷମାନେ ଉପସ୍ଥିତ ଥିବା ବେଳେ ଅଭିଯୋଗର ଶୁଣାଣି ହୋଇ ୬ ଗୋଟି ମାମଲାର ଫଏସଲା ହୋଇଥିଲା । ଅନ୍ୟ ୬ ଗୋଟି ମାମଲାକୁ ପୁଲିସ ଅଧିକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଥିଲା, ଗୋଟିଏ ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ୮ ଗୋଟି ମାମଲାରେ ପକ୍ଷ ମାନଙ୍କୁ ଆୟୋଗରେ ପୁନଃ ଉପସ୍ଥିତ ସକାଶେ ନୋଟିସ ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା ଏବଂ ୯ ଗୋଟି ମାମଲା ଅଦାଲତରେ ବିଚାରାଧୀନ ରହିଥିବା କରଣରୁ ଉକ୍ତ ୯ଟି ମାମଲାକୁ ବନ୍ଦ ପାଇଁ ଯଥାକ୍ରମେ ନିର୍ଦ୍ଦେଶ ଜାରି ହୋଇଥିଲା । ଆଜିର ଜନ ଶୁଣାଣି କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼ ଏବଂ ଝାରସୁଗୁଡା ଜିଲ୍ଲାର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆବଶ୍ୟକ ମାମଲାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ୍ ଦାଖଲ କରିଥିଲେ । ସେହିପରି, ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୧୧ ଗୋଟି ନୂତନ ମାମଲାର ପଞ୍ଜିକରଣ ମଧ୍ୟ ହୋଇଥିଲା । ଶୋଭନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୋଗର ସଦସ୍ୟା ମୁକ୍ତା ସାହୁ ଏବଂ ସମ୍ବଲପୁର ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସରୋଜା ବେହେରା ଏବଂ ବରଗଡ଼ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସନ୍ଧ୍ୟାରଣୀ ନେପାକ, ସମ୍ବଲପୁର ଜିଲ୍ଲା ସୁରକ୍ଷା ଅଧିକାରିଣୀ ସରିତା ଦାସ ଏବଂ ବରଗଡ ଜିଲ୍ଲା ସୁରକ୍ଷା ଅଧିକାରିଣୀ ମାଙ୍ଗଳିକା ଦାସ, ସମ୍ବଲପୁର ଡିଏସପି ତୋଫାନ୍ ବାଗ, ମନୀଷା ବାରା ଏବଂ ବରଗଡ଼ ଜିଲ୍ଲା ଡିଏସପି ସୁମନ୍ତ କିଶାନ୍, ସମ୍ବଲପୁର ଜିଲ୍ଲା ଲୋକ ସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲୁ, ସାଖୀ - ୱାନ୍ ଷ୍ଟପ୍ କେନ୍ଦ୍ରର, ସମ୍ବଲପୁରର ଅଧୀକ୍ଷିକା ମନସ୍ୱିନୀ ଦୋରା ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି, ମହିଳା ଆୟୋଗର ଆଇନ ସହାୟକ ଅରବିନ୍ଦ ପଟ୍ଟନାୟକ, ଦୁଇଜଣ କାଉନ୍ସେଲର ବନ୍ଦନା ପଟ୍ଟନାୟକ, ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ତ୍ରିଲୋଚନ ନାୟକ, ଚିତରଞ୍ଜନ ସାହୁ, ପ୍ରଭୃତି ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ବୈଠକ

ଜୟପୁର : ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଜୟପୁର ଖାଲସାହିସ୍ଥ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ଉଦ୍ୟାନରେ ଆୟୋଜିତ ଏହି ବୈଠକରେ ସଭାପତି ମଦନ ମୋହନ ନାୟକ ପୌରୋହିତ୍ୟ କରିଥିଲେ । ବିଶେଷକରି ଆସନ୍ତା ଦିନରେ ଜୟପୁର ଠାରେ ହେବାକୁ ସ୍ଥିର ରହିଥିବା ସମ୍ମିଳନୀର ସ୍ୱତନ୍ତ୍ର ବୈଠକ ଉପରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ଯୋଗ ଦେବାକୁ ରାଜ୍ୟ ସରକାରଙ୍କ ଯେଉଁ ମନ୍ତ୍ରୀ ମାନଙ୍କୁ ଅନୁରୋଧ ରହିଥିଲା । ବିଧାନସଭା ଅଧିବେଶନ ଯୋଗୁଁ ସେମାନଙ୍କ ପକ୍ଷରୁ ସମ୍ଭବ ହେଉନଥିବା ମିଳିଥିଲା । ଏହାକୁ ନେଇ ଆସନ୍ତା ସ୍ୱତନ୍ତ୍ର ଅଧିବେଶନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ବେଳେ ପୁଣି ଦିନ ଧାର୍ଯ୍ୟ କରିବାକୁ ଉପଦେଷ୍ଟା ବିନୋଦ ମହାପାତ୍ର, ଭୃଗୁ ବକ୍ସିପାତ୍ରଙ୍କ ସହ ସଭାପତି ଏବଂ ସଂପାଦକ ମିଳିତ ଭାବେ ସ୍ଥିର କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସ୍ୱତନ୍ତ୍ର ଅଧିବେଶନରେ ରାଜ୍ୟର ବିଭିନ୍ନ ଜିଲ୍ଲା ଶାଖାରୁ କେଉଁମାନେ ଯୋଗ ଦେବେ ସେମାନଙ୍କ ତାଲିକା ଚୂଡ଼ାନ୍ତ କରିବାକୁ ଏହି କମିଟିକୁ କ୍ଷମତା ପ୍ରଦାନ କରାଯାଇଥିଲା । ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦେବେନ୍ଦ୍ର ବାହିନୀପତି, ହରିହର କରସୁଧା ପଟ୍ଟନାୟକ, ପରମେଶ୍ୱର ପାତ୍ର, ରାଜେନ୍ଦ୍ର କୁମାର ଗୌଡ଼, ନବକୃଷ୍ଣ ରଥ, ଜଗଦୀଶ ପାଢ଼ୀ, ପ୍ରଭାତ ରଥ, ଚନ୍ଦ୍ରମଣି ବାରିକ, କୃଷ୍ଣଚନ୍ଦ୍ର ହୋତା ପ୍ରମୁଖ ଯୋଗ ଦେଇଥିବା ବେଳେ ସଂପାଦକ ନବୀନ ମାଦଳା ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଗ ଜାଇର ଗୁଣ ଜ୍ଞାନ ଓ ସ୍ୱାସ୍ଥ୍ୟ ଶିବିର

ଗଂଜାମ : ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଡାଲି କେବଳ ଖାଦ୍ୟ ନୁହେଁ ଔଷଧ ଭାବରେ କେମିତି ବ୍ୟବହାର କରିପାରିବେ କହିଥିଲେ ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଥିଲା କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ କହିଲେ ମୁଗ ଜାଇ ତୃର୍ଣ୍ଣ ଦେହରେ ଲଗାଇଲେ ଅତିସ୍ୱେଦ କମିଯାଏ,ମୁଗ ବା କାନ୍ଦୁଲ ଡ଼ାଲିରେ ଗୁଡ଼ ଘିଅ ମିଶାଇ ପିଇଲେ ବଳ ବୀର୍ଯ୍ୟ ହୁଏ, ବଥ, ସ୍ତନ ବଥରେ ଉଷ୍ମ କରି ଲଗାଇଲେ ଭଲ ହୁଏ,ମୁଗ ଜାଇ ବାଟି ଶରୀରରେ ଲଗାଇଲେ ଚର୍ମ, ପାଦ କୋମଳ ହୁଏ, ଶରୀର ଗୋରା ହୁଏ ।ହରଡ଼ ଡାଲି ସିଝାପାଣି ପିଇଲେ ଗଞ୍ଜେଇ ନିଶା ଛାଡେ, ଲାଳ ଝାଡାରେ ତେନ୍ତୁଳି ମଣ୍ଡ ସହ ପିଇଲେ ଭଲ ହୁଏ. । ଏହି ଅବସରରେ

ଗଞ୍ଜାମର ୩ ମୃତକଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଗଞ୍ଜାମ ଜିଲ୍ଲା ପାଡ୍ରପୁର ତହସିଲର କାକ ରଣା (ପିତା - ଗଣପତି ରଣା), ସୁନୀଲ ନାଏକ (ପିତା - ନାଥ ନାଏକ), ଦଲି ବିଶ୍ୱନାଥ (ପିତା - ଡି. ଲକ୍ଷ୍ମୀ ନାରାୟଣ)ଙ୍କର ଦୁଃଖଦ ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସରେ ଏହି ସୂଚନା ଦିଆଯାଇଛି ।

ଛତ୍ରପତି ସମ୍ଭାଜୀ ମହାରାଜଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର: ଛତ୍ରପତି ସମ୍ଭାଜୀ ମହାରାଜଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ହିନ୍ଦବୀ ସ୍ୱରାଜ୍ୟର ସୁରକ୍ଷା ପାଇଁ ନିଜ ପ୍ରାଣର ସର୍ବୋଚ୍ଚ ବଳିଦାନ ଦେଇଥିବା ମହାନ ବୀର ଯୋଦ୍ଧା ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନ ଅଦମ୍ୟ ସାହସ, ଅତୁଟ ସ୍ୱାଭିମାନ ଏବଂ ରାଷ୍ଟ୍ରନିଷ୍ଠାର ପ୍ରେରଣାଦାୟକ ଉଦାହରଣ ଅଟେ । ବିପରୀତ ପରିସ୍ଥିତି ଏବଂ କ୍ରୁର ଅତ୍ୟାଚାର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ ନିଜ ଧର୍ମ, ସଂସ୍କୃତି ଏବଂ ମାତୃଭୂମିର ସୁରକ୍ଷା ପାଇଁ ନିଆଯାଇଥିବା ସଂକଳ୍ପ ସହ କେବେ ମଧ୍ୟ ବୁଝାମଣା କରିନଥିଲେ । ତାଙ୍କର ତ୍ୟାଗ ଓ ବଳିଦାନ ଆଗାମୀ ପିଢିମାନଙ୍କୁ ରାଷ୍ଟ୍ର, ଧର୍ମ ଓ ସ୍ୱାଭିମାନର ସୁରକ୍ଷା ପାଇଁ ସର୍ବଦା ପ୍ରେରିତ କରିବ । ଧର୍ମରକ୍ଷକ, ଭାରତ ମାତାର ଅମର ସୁପୁତ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ବଳିଦାନ ଦିବସରେ ତାଙ୍କୁ କୋଟି-କୋଟି ନମନ କରୁଛି ।

ମାର୍ଚ୍ଚ ୧୯ରେ ଅଯୋଧ୍ୟାର ଶ୍ରୀରାମଯନ୍ତ୍ର ସ୍ଥାପନା କରିବେ ରାଷ୍ଟ୍ରପତି

ଲକ୍ଷ୍ନୌ: ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ୧୯ ମାର୍ଚ୍ଚରେ ଆୟୋଜିତ ହେଉଥିବା ବର୍ଷ୍ତିଦା ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଅମୃତାନନ୍ଦମୟୀ ମା ଏବଂ ଭାରତୀୟ ଜୈନ ଧର୍ମସ୍ଥଳ ମନ୍ଦିରର ଧର୍ମାଧିକାରୀ ବୀରେନ୍ଦ୍ର ହେଗଡେ ମଧ୍ୟ ଅଂଶଗ୍ରହଣ କରିବେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦ୍ୱିତୀୟ ତଳର ଗର୍ଭଗୃହରେ ଶ୍ରୀରାମ ଯନ୍ତ୍ରର ସ୍ଥାପନା କରିବେ ।

ବର୍ଷ୍ତିଦା ଦିନ ହେଉଥିବା ଏହି ଅନୁଷ୍ଠାନରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସ ମହାରାଜ, ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ବାସୁଦେବାନନ୍ଦ ସରସ୍ୱତୀ, ଜଗଦ୍ ?ଗୁରୁ ମଧ୍ୱାଚାର୍ଯ୍ୟ ବିଶ୍ୱପ୍ରସନ୍ନ ତୀର୍ଥ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତାତ୍ରେୟ ହୋସବାଳେ, ଉତର ପ୍ରଦେଶର ରାଜ୍ୟପାଳ ଆନନ୍ଦୀବେନ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସହିତ ଟ୍ରଷ୍ଟର ସମସ୍ତ ପଦାଧିକାରୀ ଉପସ୍ଥିତ ରହିବେ । କାର୍ଯ୍ୟକ୍ରମ ସମୟରେ ରାଷ୍ଟ୍ରପତି ମୁର୍ମୁ ଆମନ୍ତ୍ରିତ ଅତିଥିମାନଙ୍କୁ ସମ୍ବୋଧନ ମଧ୍ୟ କରିବେ । ମନ୍ଦିର ପରିସରରୁ ରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପରେ ଆମନ୍ତ୍ରିତ ଅତିଥିମାନେ ରାମ ମନ୍ଦିରର ଦର୍ଶନ କରିବେ । କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ଅନ୍ତିମ ରୂ ଦିଆଯାଇଛି । ଏହି ଅନୁଷ୍ଠାନକୁ ସଫଳ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ଓ କ୍ଷେତ୍ରର ପଦାଧିକାରୀମାନେ ଅଯୋଧ୍ୟା ପହଂଚିସାରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ମହାନୁଭାବମାନଙ୍କୁ ଆମନ୍ତ୍ରଣ ପଠାଯାଉଛି । ଏପରିକି ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୁରୁବାର ଅଯୋଧ୍ୟା ପହଁ ରାଷ୍ଟ୍ରପତିଙ୍କ ଆଗମନ ପୂର୍ବରୁ ପ୍ରସ୍ତୁତିର ସମୀକ୍ଷା କରିବେ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ୨୨ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୧୩ରେ ଆସାମର ଗୌହାଟିରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୨ତମ କିସ୍ତି ଜାରି କରିବେ । ଏହି ଯୋଜନା ଅଧୀନରେ, ପି ଏମ୍ କିଷାନ ମାଧ୍ୟମରେ ଦେଶର ୯.୩୨ କୋଟିରୁ ଅଧିକ ଚାଷୀ ପରିବାରଙ୍କ ବ୍ୟାଙ୍କ ଆକାଉଂଟକୁ ୧୮,୬୪୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ସ୍ଥାନାନ୍ତର କରାଯିବ । କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବୁଧବାର ଦିନ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ୨୨ତମ କିସ୍ତି ସହିତ, ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ ସ୍ଥାନାନ୍ତରିତ ମୋଟ ରାଶି ୪.୨୭ ଲକ୍ଷ କୋଟିରୁ ଅଧିକ ହେବ । ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମ ଥର ପାଇଁ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ସିଧାସଳଖ ଆୟ ସହାୟତା ପ୍ରଦାନ କରି କୃଷି କ୍ଷେତ୍ରରେ ଐତିହାସିକ ଏବଂ ସ୍ଥାୟୀ ପରିବର୍ତ୍ତନର ମୂଳଦୁଆ ପକାଇଛନ୍ତି । ପ୍ରଧାନମନ୍ତ୍ରୀ-କିଷାନ ଯୋଜନା ଅଧୀନରେ, ପ୍ରତ୍ୟେକ ଯୋଗ୍ୟ ଚାଷୀ ପରିବାରକୁ ତିନୋଟି ସମାନ କିସ୍ତିରେ ବାର୍ଷିକ ୬,୦୦୦ ଆର୍ଥିକ ସହାୟତା ମିଳିଥାଏ, ଏବଂ ଏହି ରାଶି ସିଧାସଳଖ ଲାଭ ହସ୍ତାନ୍ତର ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ସ୍ଥାନାନ୍ତରିତ ହୋଇଥାଏ । ଶିବରାଜ ସିଂହ ସ୍ପଷ୍ଟ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ-କିଷାନ ଏକ ସମ୍ପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଆଧାରିତ ଏବଂ ସ୍ୱଚ୍ଛ ଯୋଜନା, ଯାହା ଭାରତର ଡିଜିଟାଲ ସାର୍ବଜନୀନ ଭିତିଭୂମି ମାଧ୍ୟମରେ ପରିଚାଳିତ, ଏବଂ ଏଥିରେ କୌଣସି ମଧ୍ୟସ୍ଥିର ପାଇଁ କୌଣସି ସୁଯୋଗ ନାହିଁ । ପ୍ରଧାନମନ୍ତ୍ରୀ ମୋଦୀ ନିଶ୍ଚିତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ-କିଷାନ ଲାଭ କେବଳ ପ୍ରକୃତ ଯୋଗ୍ୟ ଚାଷୀଙ୍କ ପାଖରେ ପହଂଚିବ । ଏଥିପାଇଁ, ସରକାର ଧନୀ ଚାଷୀଙ୍କ ପାଇଁ ଏକ ସ୍ୱେଚ୍ଛାକୃତ ଆତ୍ମସମର୍ପଣ ସୁବିଧା ଆରମ୍ଭ କରିଛନ୍ତି ଏବଂ ଅସାବଧାନତାବଶତଃ ସେମାନଙ୍କର ଲାଭ ସମର୍ପଣ କରିଥିବା ଚାଷୀଙ୍କ ଆକାଉଂଟକୁ ପୁନଃସକ୍ରିୟ କରିବା ପାଇଁ ଏକ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି, ଯାହା ଦ୍ୱାରା କୌଣସି ଯୋଗ୍ୟ ଚାଷୀ ଲାଭରୁ ବଂଚିତ ନ ହୁଅନ୍ତୁ ।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ପାଇଁ ୧୮,୯୫୭ କୋଟ ଟଙ୍କାର ବଜେଟ୍ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ବୁଧବାର ଦିନ ଗଣମାଧ୍ୟମକୁ ସୂଚନା ଦେଇ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପାଇଁ ମୋଟ ୧୮,୯୫୭.୧୫ କୋଟି ଟଙ୍କାର ଏକ ବ୍ୟାପକ ବଜେଟ୍ ଘୋଷଣା କରିଛନ୍ତି । ଏହି ବଜେଟ୍ ମୁଖ୍ୟତଃ ମହିଳା ସଶକ୍ତିକରଣ, ଶିଶୁ କଲ୍ୟାଣ, ପୁଷ୍ଟି ଏବଂ ଜୀବିକା ବିକାଶ ଉପରେ କେନ୍ଦ୍ରିତ । ମହିଳା ଓ ଶିଶୁ ବିକାଶ ବିଭାଗ ପାଇଁ ଚଳିତ ବର୍ଷ ଏହି ବ୍ୟୟବରାଦକୁ ବୃଦ୍ଧି କରାଯାଇ ୧୬,୧୫୨.୯୨ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ଯୋଜନା ଖର୍ଚ୍ଚ ପାଇଁ ୧୬,୧୨୨.୯୩ କୋଟି ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ୨୯.୯୯ କୋଟି ଟଙ୍କା ରଖାଯାଇଛି । ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରମୁଖ ଯୋଜନା:କ. ସମୃଦ୍ଧ ଅଙ୍ଗନବାଡି ଯୋଜନା: ରାଜ୍ୟର ନିଜସ୍ୱ ପାଣ୍ଠିରେ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ସହ କେତେକ ସ୍ଥାନରେ 'କ୍ରେଚ୍' (ଶିଶୁ ଯତ୍ନ କେନ୍ଦ୍ର) ର ସୁବିଧା ରହିବ । ଏଥିପାଇଁ ୬୩୪.୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ଖ.ସମନ୍ୱିତ ବାସ୍ତଲ୍ୟ ସଦନ: ଶିଶୁ ସୁରକ୍ଷାକୁ ସୁଦୃଢ କରିବା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୩ଟି ସମନ୍ୱିତ ବାସ୍ତଲ୍ୟ ସଦନ ପ୍ରତିଷ୍ଠା କରାଯିବ, ଯେଉଁଠାରେ ଶିଶୁ ଗୃହ, ଶିଶୁ କଲ୍ୟାଣ କମିଟି ଓ କିଶୋର ନ୍ୟାୟ ବୋର୍ଡ ଏକାଠି କାର୍ଯ୍ୟ କରିବେ । ଏଥିପାଇଁ ୬୨.୨୮ କୋଟି ଟଙ୍କାର ପ୍ରସ୍ତାବ ରହିଛି ।ଗ. କଳିକା : ଓଡିଶା ରାଜ୍ୟ କ୍ରେଚ୍ ପଲିସି-୨୦୨୫: ଛଅ ମାସରୁ ଛଅ ବର୍ଷ ବୟସର ଶିଶୁମାନଙ୍କ ଯତ୍ନ ଓ କାର୍ଯ୍ୟରତ ମାଆମାନଙ୍କୁ ସୁରକ୍ଷିତ ଡେ-କେୟାର ସୁବିଧା ଯୋଗାଇବା ଏହାର ଲକ୍ଷ୍ୟ ।ଘ. ସୁଭଦ୍ରା ଶକ୍ତି ସମ୍ବାଦ ଓ ୱେଲନେସ୍ କେନ୍ଦ୍ର:

ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଏକ ଆଲୋଚନା ମଂ 'ସୁଭଦ୍ରା ଶକ୍ତି ସମ୍ବାଦ' ଏବଂ ମହିଳାଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ 'ସୁଭଦ୍ରା ୱେଲନେସ୍ କେନ୍ଦ୍ର' ସ୍ଥାପନ କରାଯିବ ।ଙ.ଶିଶୁ ଖାଦ୍ୟ କେନ୍ଦ୍ର: ସାର୍ବଜନୀନ ସ୍ଥାନଗୁଡ଼ିକରେ ମାଆମାନଙ୍କ ପାଇଁ ଶିଶୁ ସ୍ତନ୍ୟପାନ କେନ୍ଦ୍ରମାନ ସ୍ଥାପନ କରାଯିବ ।ଚ. ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା: ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟା ସନ୍ତାନଙ୍କ ପାଇଁ ଏହି ଯୋଜନା ଅଧୀନରେ ୨୦,୦୦୦ ଟଙ୍କା (ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ୩,୦୦୦) ର ସଂୟ କରାଯିବ ଏବଂ ସ୍ନାତକ ପରେ ସୁଧ ସହ ୧,୦୦,୦୦୧ ଟଙ୍କା ପ୍ରଦାନ କରାଯିବ ।

ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମ ଉପରେ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମ ଉପରେ ଆଜି ନୂଆଦିଲ୍ଲୀସ୍ଥିତ ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ଆନ୍ତଃମନ୍ତ୍ରାଳୟ ସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏହି କ୍ଷେତ୍ରର ପରିବର୍ତ୍ତିତ ପରିସ୍ଥିତି ଏବଂ ଏହାର ମୁକାବିଲା ଲାଗି ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରସ୍ତୁତି ପଦକ୍ଷେପ ଏବଂ କାର୍ଯ୍ୟାନୁଷ୍ଠାନ ବିଷୟରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ବିଶେଷ କରି ଇନ୍ଧନ ଯୋଗାଣ ପ୍ରସ୍ତୁତି, ସାମୁଦ୍ରିକ ସୁରକ୍ଷା, ବିଦେଶରେ ଥିବା ଭାରତୀୟ ନାଗରିକଙ୍କ କଲ୍ୟାଣ ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯୋଗାଯୋଗ ପଦକ୍ଷେପ ବିଷୟରେ ସଦ୍ୟତମ ସୂଚନା ପ୍ରଦାନ କରାଯାଇଥିଲା । ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅଧିକାରୀ ଗଣମାଧ୍ୟମକୁ ଇନ୍ଧନ ଯୋଗାଣ ପରିସ୍ଥିତି ଏବଂ ନିରବଚ୍ଛିନ୍ନ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ, ଜିଲ୍ଲା ପ୍ରଶାସନ ଏବଂ ଗଣମାଧ୍ୟମ ଅଂଶୀଦାରମାନଙ୍କ ମାଧ୍ୟମରେ ଯା ଂ କରାଯାଇଥିବା ସୂଚନା ପ୍ରସାରିତ କରାଯିବା ଉଚିତ । ଜିଲ୍ଲାପାଳ, ପୁଲିସ କମିଶନର ଏବଂ ପୌର କର୍ତ୍ତୃପକ୍ଷମାନେ ସକ୍ରିୟ ଭାବରେ ଜନସାଧାରଣଙ୍କ ସହ ଜଡିତ ହୋଇ ସୂଚନାର ନିର୍ଭରଯୋଗ୍ୟ ଉତ୍ସ ଭାବରେ କାର୍ଯ୍ୟ କରିବା ସହିତ ସ୍ଥାନୀୟ ପ୍ରଶାସନକୁ ଏକ ଯୋଗାଯୋଗ ଚ୍ୟାନେଲ ଭାବରେ ବ୍ୟବହାର କରାଯିବା ଉଚିତ । ଭାରତ ସରକାର ପଶ୍ଚିମ ଏସିଆର ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ସୂଚନା ଦିଆଯାଇଛି । ଏଥିସହିତ ସମ୍ପୃକ୍ତ ମନ୍ତ୍ରଣାଳୟ ଏବଂ ଏଜେନ୍ସିଗୁଡ଼ିକ ମଧ୍ୟରେ ନିରନ୍ତର ସମନ୍ୱୟ ବଜାୟ ରଖାଯାଇଛି । ଇନ୍ଧନ ସୁରକ୍ଷା ସୁନିଶ୍ଚିତ କରିବା, ଏହି ଅ ଂଳରେ ଭାରତୀୟ ନାଗରିକମାନଙ୍କୁ ସୁରକ୍ଷା ଦେବା, ସାମୁଦ୍ରିକ ଗତିବିଧିର ସୁରକ୍ଷା ବଜାୟ ରଖିବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ପରିସ୍ଥିତି ପରିବର୍ତ୍ତନ ସମୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ଭାରତର ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ ସରକାର ପ୍ରତିବଦ୍ଧ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା ।

ବାଲେଶ୍ୱର ମହିଳା କଲେଜରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ' ପାଳିତ

ବାଲେଶ୍ୱର: କଲେଜର ଅଧ୍ୟକ୍ଷ ଡ଼ଃ . ଉମାକାନ୍ତ ନାୟକ ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସଭା ରେ ସମ୍ମାନିତ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା ର ଜଣାଶୁଣା ବିଶିଷ୍ଟ ସୁସାହିତ୍ୟିକ କବି ପ୍ରଶାନ୍ତ ଦାସ ଯୋଗଦାନ କରିଥିଲେ । ସେ ତାଙ୍କର ଅଭିଭାଷଣ ରେ ଓଡ଼ିଆ ଭାଷା ର ଶାସ୍ତ୍ରୀୟତା ଏବଂ ତାର ବିକାଶ ଲାଭ କିପରି ହୋଇ ଆଜିର ଆଧୁନିକ ଓଡ଼ିଆ ଭାଷା ରେ ପହଁଚି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଓଡ଼ିଆ ଭାଷା କୁ ଭଲ ପାଇବା ଓ ସୁରକ୍ଷିତ ରଖିବା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭଗର ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ସୁପରିଚାଳନା କରିଥିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟ ରିୟା ଦାସ ଶାସ୍ତ୍ରୀୟ ମାନ୍ୟତା ପାଇବାର ମାନଦଣ୍ଡ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ନିଜ ଭାଷାପ୍ରୀତିକୁ ବଜାୟ ରଖିବା ସଂପର୍କରେ ମତାମତ ଦେଇଥିଲେ । କଲେଜର ପ୍ରଶାସନିକ ଅଧିକାରୀ ଶ୍ରୀ ଚିତରଞ୍ଜନ ସାନ୍ତରା , ଓଛଇଝ ଅଧିକାରୀ ସୁଶାନ୍ତ କୁମାର ମଣ୍ଡଳ , ଉର୍ଦ୍ଦୁ ବିଭଗର ଅଧ୍ୟାପିକା ରୋକିଆ ଜମାଲ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।

ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ଡ଼ଃ . ପୂଜାରାଣୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । କଲେଜର ଅନ୍ୟାନ୍ୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନଙ୍କ ସଦୟ ଉପସ୍ଥିତିରେ ସଭା କାର୍ଯ୍ୟଟି ସାଫଲ୍ୟ ମଣ୍ଡିତ ହୋଇଥିଲା ।

ଘୋଷଣା ହେଲା ଆଇପିଏଲ ୨୦୨୬ର କାର୍ଯ୍ୟସୂଚୀ

ନୂଆଦିଲ୍ଲୀ,: କ୍ରିକେଟ ପ୍ରେମୀଙ୍କ ପାଇଁ ବଡ଼ ଖବର । ବହୁ ପ୍ରତୀକ୍ଷିତ ଇଣ୍ଡିଆନ ପ୍ରିମିୟର ଲିଗ (ଓଚଖ) ୨୦୨୬ର କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି । ତେବେ ଭାରତୀୟ କ୍ରିକେଟ କଂଟେୟାଲ ବୋର୍ଡ ବର୍ତମାନ କେବଳ ପ୍ରଥମ ୧୫ ଦିନର ସୂଚୀ ଜାରି କରିଛି । ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମ୍ୟାଚ୍ ଗୁଡ଼ିକର ବିବରଣୀ ସାମ୍ନାକୁ ଆସିଛି । ଆଇପିଏଲ ୨୦୨୬ର ପ୍ରଥମ ମୁକାବିଲା ମାର୍ଚ୍ଚ ୨୮ ତାରିଖରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ । ଏଥିରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଜଉଇ) ଏବଂ ସନରାଇଜର୍ସ ହାଇଦ୍ରାବାଦ (ଝଜଏ) ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ । ଦେଶର ୪ଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଇଉଉଓ ସମ୍ପୂର୍ଣ୍ଣ ସୂଚୀ ଘୋଷଣା କରିନାହିଁ । କେରଳ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆସାମରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବାକି ମ୍ୟାଚ୍‌ର ସୂଚୀ ଜାରି କରାଯିବ । ସୁରକ୍ଷା ଓ